ବର୍ଷ-୨୫, ସଂଖ୍ୟା-୨୧
ଭୁବନେଶ୍ୱର
୨୧, ଜାନୁଆରୀ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 21
Bhubaneswar
21January, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଦୁର୍ଘଟଣାରେ ଅଭିନେତା ଅମନ ଜୈସୱାଲଙ୍କ ଦେହାନ୍ତ



# ୨୪ରୁ ପ୍ରଧାନମନ୍ତ୍ରୀ ଆବାସ ସର୍ଭେ

## ବାପାଠୁ ଭିନ୍ନ ହୋଇଥିବା ପୁଅ, ସ୍ୱାମୀଠୁ ଅଲଗା ଥିବା ସ୍ତ୍ରୀ କରିପାରିବେ ଆବେଦନ

ଭୁବନେଶ୍ୱର, ୨୦।୧ (ମହାଭାରତ): ରାଜ୍ୟରେ ୨୪ ତାରିଖରୁ ପ୍ରଧାନମନ୍ତ୍ରୀ ଆବାସ ଆବାସ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ସର୍ଭେ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ଅଫଲାଇନ୍ ଓ ଅନଲାଇନ୍ ହିତାଧିକାରୀ ଆବେଦନ କରିପାରିବେ। ୨୪ ତାରିଖରେ ପୋର୍ଟାଲର ବିଧିବଦ୍ଧ ରାଜ୍ୟ ସରକାର ଲଞ୍ଚ କରିବେ। ଦେଢ଼ମାସରୁ ୨ ମାସ ଆବାସ ସର୍ଭେ କାର୍ଯ୍ୟ ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ଆବାସ ସଂଖ୍ୟା ୨ରୁ ୩ କୋଟିକୁ ବଢ଼ିଛି। ଓଡ଼ିଶାକୁ ଅଧିକ ମିଳିବା ଆଶା ରଖାଯାଇଛି। ବାପାଠୁ ଭିନ୍ନ ହୋଇଥିବା ପୁଅ, ସ୍ୱାମୀଠୁ ଅଲଗା ଥିବା ସ୍ତ୍ରୀ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ଲୋକ ବି ନୂଆ। ଆବେଦନ କରିପାରିବେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ସମସ୍ତ ଜିଲାପାଳମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନାର ସର୍ଭେ ପ୍ରକ୍ରିୟା ଅରରମ୍ଭ ପାଇଁ ପରାମର୍ଶ ଦିଆଯାଇଛି। ମୋବାଇଲ



ଆପ୍ଲିକେସନ 'ଆୱାସ ପ୍ଲସ' ମାଧ୍ୟମରେ ସାନି ସର୍ଭେ କରି ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜାରି ରହିବ। ସଂଶୋଧିତ ସର୍ତ୍ତାବଳୀ ଆଧାରରେ ସାନି ସର୍ଭେରେ ଯେଭଳି କୌଣସି ଯୋଗ୍ୟ ହିତାଧିକାରୀ ବାଦ ନପଡ଼ିବେ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ଜାରି ଏସ୍‌ଓପିକୁ ପାଳନ କରିବାକୁ ମଧ୍ୟ ତାଗିଦ କରାଯାଇଛି। ବିଭାଗ ପକ୍ଷରୁ ନଭେମ୍ବର ୨୭ ଓ ଡିସେମ୍ବର ୨୭ତାରିଖରେ ପ୍ରଧାନମନ୍ତ୍ରୀ-ଆବାସ ଯୋଜନାକୁ ନେଇ ଏସ୍‌ଓପି ଓ ସର୍ତ୍ତାବଳୀ ଜାରି କରାଯାଇଥିଲା।

ଏହି ସର୍ଭେ ସମ୍ପର୍କରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ବିଭାଗ ପରାମର୍ଶ ଦେଇଛି। ବ୍ଲକ ଓ ଜିଲାସ୍ତରରେ ଉପଲବ୍ଧ ଥିବା ପ୍ରଧାନମନ୍ତ୍ରୀ ଆବାସ-ଗ୍ରାମୀଣ ଯୋଜନାର ପ୍ରଶାସନିକ ପାଣ୍ଠିରୁ ଖର୍ଚ୍ଚ ତୁଲାଇବାକୁ କୁହାଯାଇଛି। ସବୁ ପଞ୍ଚାୟତରେ ମାଇକ ଯୋଗେ ଘୋଷଣା କରାଯିବ। ରେକର୍ଡିଂ ହୋଇଥିବା ତଥ୍ୟ ରାଜ୍ୟ ସରକାର ଯୋଗାଇ ଦେବେ ଯାହାକୁ ମାଇକ ଯୋଗେ ପ୍ରଚାର କରାଯିବ।

ସେହିପରି ବ୍ଲକ ଓ ପଞ୍ଚାୟତ ମୁଖ୍ୟାଳୟରେ ବଡ଼ ବଡ଼ ବ୍ୟାନର ଓ ହୋର୍ଡିଂ ଲଗାଯିବ। ଯେଉଁଠି ଯୋଗାଯୋଗର ସୁବିଧା ନାହିଁ ସେଠାରେ ସ୍ଥାନୀୟ ସାଂସ୍କୃତିକ ଦଳ ଦ୍ୱାରା ଷ୍ଟ୍ରିଟ୍ ପ୍ଲେ କରାଯିବ । ଏହି ସର୍ଭେ ସମ୍ପର୍କରେ ମଧ୍ୟ ସୋସିଆଲ ମିଡିଆରେ ବ୍ୟାପକ ପ୍ରଚାର କରିବାକୁ ମଧ୍ୟ କୁହାଯାଇଛି।

## ପଶ୍ଚିମାଝଡ଼ ପାଇଁ କମିବ ଶୀତ

ଭୁବନେଶ୍ୱର,୨୦।୧(ମହାଭାରତ): ରାଜ୍ୟରେ ୨୨ ତାରିଖ ଯାଏ ଘନ କୁହୁଡ଼ି ନେଇ ୪ ଜିଲାକୁ ୟେଲୋ ୱାର୍ନିଂ କରାଯାଇଛି। ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, କନ୍ଧମାଳକୁ ୟେଲୋ ୱାର୍ନିଂ କରାଯାଇଛି।

ମଙ୍ଗଳବାରଠାରୁ ଶୀତ କମିବ, ରାତିରେ ତାପମାତ୍ରା ବଢ଼ିବ। ପଶ୍ଚିମା ଝଡ଼ ପ୍ରଭାବରେ ଶୀତ କମିବା ସମ୍ଭାବନା ରହିଛି। ୨୨ ଓ ୨୩ରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟର ସୃଷ୍ଟି ସମ୍ଭାବନା ରହିଛି। ଉଷ୍ମ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରିବାରୁ ବଢ଼ିବ ତାପମାତ୍ରା। ଘୂର୍ଣ୍ଣିବଳୟ ହେତୁ ଘନକୁହୁଡ଼ି ସମ୍ଭାବନା ରହିଛି।

# ଶପଥ ନେଲେ ଟ୍ରମ୍ପ



ୱାଶିଂଟନ, ୨୦।୧ (ମହାଭାରତ): ଆମେରିକାର ୪୭ ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ୍। ଦ୍ୱିତୀୟ ଥର ପାଇଁ ସେ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ସଂସଦ ପରିସରରେ ଶପଥ ଗ୍ରହଣ ସମାରୋହରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଉପରାଷ୍ଟ୍ରପତି ଭାବେ ଜେଡି ଭେନ୍ସ ମଧ୍ୟ ଶପଥ ନେଇଛନ୍ତି।ଏହା ସହିତ ଆଜିଠୁ ଆମେରିକାରେ ପୁଣି ଟ୍ରମ୍ପ ଶାସନ ଆରମ୍ଭ ହୋଇଯାଇଛି। ଚିଫ୍ ଜଷ୍ଟିସ୍ ଜନ୍ ରବର୍ଟ୍ସ ଟ୍ରମ୍ପଙ୍କୁ ପଦର ଶପଥ ପାଠ କରାଇଛନ୍ତି । ଆମେରିକାରେ ସ୍ୱର୍ଣ୍ଣିମ ଯୁଗର ଆରମ୍ଭ ହୋଇଛି ବୋଲି ଟ୍ରମ୍ପ ନିଜ ଶପଥ ପାଠ ସମୟରେ କହିଛନ୍ତି। ଆମେରିକାକୁ ପୁଣି ଥରେ ମହାନ କରିବା ବୋଲି ଟ୍ରମ୍ପ୍ କହିଛନ୍ତି ।

ଶପଥ ନେବା ପରେ ଡୋନାଲ୍ଡ ଟ୍ରମ୍ପ ନିଜ ପ୍ରଥମ ଭାଷଣରେ କହିଛନ୍ତି, 'ଏବେଠାରୁ ଆମେରିକାରେ ସ୍ୱର୍ଣ୍ଣିମ ଯୁଗ ଆରମ୍ଭ ହୋଇଛି। ଆମେ ଆମର ଅଖଣ୍ଡତାକୁ ବଜାୟ ରଖିବୁ। ଦୁନିଆ ଆମକୁ ବ୍ୟବହାର କରିପାରିବ ନାହିଁ ଆମେରିକା ଏବେ ଅନୁପ୍ରବେଶକରିପାରିବେ ନାହିଁ ' ଟ୍ରମ୍ପ କହିଛନ୍ତି, 'ଆମେ ଆମର ଦକ୍ଷିଣ ସୀମାରେ ନ୍ୟାସନାଲ ଏମର୍ଜେନ୍ସି ଘୋଷଣା କରୁଛୁ। ମେକ୍ସିକୋ ସହ ଲାଗିଥିବା ଆମେରିକାର ଦକ୍ଷିଣ ସୀମାରେ ଅନୁପ୍ରବେଶ ରୋକିବା ପାଇଁ ସେନା ପଠାଇବା ନେଇ ମଧ୍ୟ ଘୋଷଣା କରିଛନ୍ତି।

ଟ୍ରମ୍ପ ଆଉ ଏକ ବଡ଼ ଘୋଷଣା କରି କହିଛନ୍ତି, 'ଆମେରିକାରେ କେବଳ ପୁରୁଷ ଏବଂ ମହିଳା ହିଁ ରହିବେ। ଏହା ବ୍ୟତୀତ ଅନ୍ୟ କୌଣସି ଜେଣ୍ଡର ରହିବ ନାହିଁ। ସେହିପରି ଅନ୍ୟ ଦେଶଙ୍କ ଉପରେ ଟ୍ୟାକ୍ସ ଏବଂ ଟାରିଫ୍ ବଢାଇବା ନେଇ ମଧ୍ୟ ଘୋଷଣା କରିଛନ୍ତି। ଏହାସହ ପାନାମାକୁ ପୁଣି ଥରେ ଫେରାଇ ନେବେ ଟ୍ରମ୍ପ ଘୋଷଣା କରିଛନ୍ତି ଗୋଲ୍ଫ ଅଫ୍ ମେକ୍ସିକୋ ଏବେ ଗୋଲ୍ଫ ଅଫ୍ ଆମେରିକା ନାଁରେ ଜଣାଯିବ ବୋଲି ଟ୍ରମ୍ପ କହିଛନ୍ତି ।

ଆମେରିକା ରାଷ୍ଟ୍ରପତି କହିଛନ୍ତି, 'ଅନ୍ୟ କାହାର ଯୁଦ୍ଧରେ ଆମେରିକା ନିଜ ସୈନ୍ୟ ପଠାଇବ ନାହିଁ। ମୁଁ ଚାହେଁ ଦୁନିଆ। ମୋତେ ଶାନ୍ତି ଦୂତ ଭାବେ ଦେଖୁ ' ଚୀନକୁ ଚ୍ୟାଲେଞ୍ଜ କରି ଦେଇ ସେ କହିଛନ୍ତି ଯେ ପାନାମା କେନାଲରେ ଚୀନର ଆଧିପତ୍ୟକୁ ଶେଷ କରିବେ ଏବଂ ପାନାମା କେନାଲରୁ ପୁଣି ଥରେ ଫେରାଇ ଆଣିବେ। ଟ୍ରମ୍ପ କହିଛନ୍ତି ଯେ ଆମେ ଦୁନିଆରରେ ଶାନ୍ତି ଚାହୁଁଛୁ।କିନ୍ତୁ ଆମେରିକା ନିଜ ଶତ୍ରୁଙ୍କୁ ନିଶ୍ଚିତ ରୂପେ ପରାଜିତ କରିବ।

### ନବ ଦାସ ହତ୍ୟାକାଣ୍ଡ ମାମଲା

# ବଦଳିଛି ମୁଖ୍ୟ ସାକ୍ଷୀଙ୍କ ସାର୍ଟର ରଙ୍ଗ

ଭୁବନେଶ୍ୱର, ୨୦।୧ (ମହାଭାରତ.): ବହୁ ଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡ ତଦନ୍ତରେ ବଡ଼ ବିଭ୍ରାଟ ସାମନାକୁ ଆସିଛି। ତଦନ୍ତରେ ରହିଥିବା ବିଭିନ୍ନ ଛିଦ୍ର ସବୁ ଗୋଟିଏ ପରେ ଗୋଟିଏ ପଦାକୁ ଆସିବାରେ ଲାଗିଛି। କ୍ରାଇମବ୍ରାଞ୍ଚ କାହିଁକି ସ୍ୱର୍ଗତ ଦାସଙ୍କ ଗୁଳିବିଦ୍ଧ ସାର୍ଟ ଓ ରକ୍ତଲଗା ତଉଲିଆକୁ ଜବତ କଲାନାହିଁ ସେ ନେଇ ପ୍ରଶ୍ନ ଉଠିଛି। ଏବେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। କେବଳ ଯେ, ନବ ଦାସଙ୍କ ରକ୍ତଲଗା ସାର୍ଟର ପତ୍ତା ମିଳୁନି ତାହା ନୁହେଁ, ବରଂ ଘଟଣାର ମୁଖ୍ୟ ସାକ୍ଷୀଙ୍କ ସାର୍ଟର ରଙ୍ଗ ବି ବଦଳି ଯାଇଛି।



ତେବେ ଏହା କ୍ରାଇମବ୍ରାଞ୍ଚର ଖାମଖିଆଲି ନା ଅଭିଯୁକ୍ତ ଗୋପାଳ ଦାସକୁ ଖସାଇବା ପାଇଁ ସୁଚିନ୍ତିତ ଯୋଜନା, ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ମୁଖ୍ୟ ସାଖୀ ଶୁଭେନ୍ଦୁ ପଟ୍ଟନାୟକ ମୁଖ୍ୟ ସାଖୀ ଧଳା ସାର୍ଟ ପିନ୍ଧିଥିବା ଲେଖାଯାଇଛି। ମାତ୍ର ହତ୍ୟାକାଣ୍ଡ ସମୟରେ ସାଖୀ ହଳଦିଆ। ରଙ୍ଗର ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଏଥିସହ ହତ୍ୟାକାଣ୍ଡରେ ଜବତ ସାମଗ୍ରୀ ତାଲିକାରେ ବି ସାଖୀଙ୍କ ରକ୍ତଲଗା ହଳଦିଆ ରଙ୍ଗ ସାର୍ଟ ଜବତ ହୋଇଥିବା ଉଲ୍ଲେଖ ରହିଛି। ପ୍ରଶ୍ନ ଉଠୁଛି ତଦନ୍ତ ବେଳେ ଏତେ ବଡ଼ ବିଭ୍ରାଟ କାହିଁକି କଲା କ୍ରାଇମବ୍ରାଞ୍ଚ। ୨୦୨୩, ଜାନୁଆରି ୨୯ରେ ନବ କିଶୋର ଦାସଙ୍କ ଉପରେ ହୋଇଥିଲା ଆକ୍ରମଣ। ଏହି ସମୟରେ ବିଜେଡି କର୍ମୀ ଶୁଭେନ୍ଦୁ ପଟ୍ଟନାୟକ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ନବ ଦାସଙ୍କୁ ଗୁଳିମାଡ଼ ହେବା ପରେ ସେ ସାମନା ସିଟରେ ଟଳି ପଡ଼ିଥିଲେ। ଶୁଭେନ୍ଦୁ ପଟ୍ଟନାୟକ, ସିଦ୍ଧାର୍ଥନାଥ ଶର୍ମା ଓ ଦ୍ୱାରିକାନାଥ ପଣ୍ଡା ନବ ଦାସଙ୍କୁ ଉଠାଇ ପଛସିଟ୍ରେ ଶୁଆଇ ଦେଇଥିଲେ। ଶୁଭେନ୍ଦୁ ପଟ୍ଟନାୟକ ପିନ୍ଧିଥିବା ସାର୍ଟରେ ମଧ୍ୟ ରକ୍ତ ଲାଗିଯାଇଥିଲା। ୨୦୨୩, ଫେବ୍ରୁଆରି ୩ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ରେକର୍ଡ ବୟାନରେ ରକ୍ତଲଗା ଧଳାରଙ୍ଗର ସାର୍ଟକୁ କ୍ରାଇମବ୍ରାଞ୍ଚ ନିକଟରେ ଦାଖଲ କରିଥିବା ଉଲ୍ଲେଖ ହୋଇଥିଲା। ତଦନ୍ତକାରୀ ଅଧିକାରୀ ରମେଶଚନ୍ଦ୍ର ଦୋରା ସାକ୍ଷୀଙ୍କ ଉପସ୍ଥିତିରେ ତାହାକୁ ଜବତ କରିଥିଲେ। ଫେବ୍ରୁଆରୀ ୩ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ 'ପ୍ରପର୍ଟି ସିଜର୍ ମେମୋ' ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ମେମୋକୁ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ହିଁ ପୂରଣ କରିଥିଲେ। ମେମୋରେ ଶୁଭେନ୍ଦୁ ପଟ୍ଟନାୟକଙ୍କ ରକ୍ତଲଗା ହଳଦିଆ। ରଙ୍ଗର ହାଫସାର୍ଟ ଜବତ କରାଯାଇଥିବା ଉଲ୍ଲେଖ। ନବ ଦାସଙ୍କୁ ଗୁଳିମାଡ଼ ଘଟଣାରେ ହୋଇଥିବା ଭିଡିଓଗୁଡ଼ିକରେ ମଧ୍ୟ ଶୁଭେନ୍ଦୁ ପଟ୍ଟନାୟକ ହଳଦିଆ। ରଙ୍ଗର ସାର୍ଟ ପିନ୍ଧିଥିବା ପ୍ରମାଣ ରହିଛି। କ୍ରାଇମବ୍ରାଞ୍ଚ ବୟାନ୍ ରେକର୍ଡ ସମୟରେ କାହିଁକି ସାର୍ଟର ରଙ୍ଗ ବଦଳାଇଦେଇଛି ?

# ଗୁଳି ବିନିମୟରେ ୨ ନକ୍ସଲ ନିପାତ

ନୂଆପଡ଼ା, ୨୦।୧ (ମହାଭାରତ) : ଓଡ଼ିଶାର ନୂଆପଡ଼ା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଜଙ୍ଗଲରେ ସୁରକ୍ଷା ବାହିନୀକୁ ପୁଣି ଏକ ସଫଳତା ମିଳିଛି। ଓଡିଶା ଓ ଛତିଶଗଡ଼ ପୁଲିସ ଏବଂ ସିଆରପିଏଫ ଯବାନଙ୍କ ଏକ ସମ୍ମିଳିତ ଆନ୍ତଃରାଜ୍ୟ ଅଭିଯାନରେ ୨ ନକ୍ସଲ ନିପାତ ହୋଇଛନ୍ତି। ଛତିଶଗଡ଼ ମେନପୁର ଥାନା ଅଧୀନ କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷା ବାହିନୀର ଗୁଳିରେ ୨ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବେଳେ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର, ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହା ସହ ସମ୍ପୃକ୍ତ ଅଞ୍ଚଳରେ ପୁଲିସ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି।

## ମୁଖ୍ୟସ୍ରୋତକୁ ଫେରିବାକୁ ଡିଜିପିଙ୍କ ଆହ୍ୱାନ

ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଅର୍ଥାତ ୧୯ ତାରିଖ ରାତିରୁ ଓଡିଶାର ନୂଆପଡ଼ା ଜିଲ୍ଲା ସୀମାଠାରୁ ମାତ୍ର ୫ କିଲୋମିଟର ଦୂର ଛତିଶଗଡ଼ର କୁଲାରୀଘାଟ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟାରେ ମାଓବାଦୀ ଲୁଚି ରହିଥିବା ସଂକ୍ରାନ୍ତରେ ଗୁଇନ୍ଦା ସୂଚନା ମିଳିଥିଲା। ସେହି ଅନୁଯାୟୀ, ଉଭୟ ରାଜ୍ୟର ସୁରକ୍ଷା ବାହିନୀଙ୍କ ସହ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଶି ଏହି ସମ୍ମିଳିତ ଅଭିଯାନ ଆରମ୍ଭ କରିଛନ୍ତି। ଆଜି ସକାଳୁ ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିଲା। ପୁଲିସ ପକ୍ଷରୁ ଅଭିଯାନ ଏବେ ମଧ୍ୟ ଜାରି ରହିଛି।

# କୋଲକାତା ଲଜ୍ଜା : ସଞ୍ଜୟଙ୍କୁ ଆଜୀବନ ସଜା

କୋଲକାତା, ୨୦।୧: ସମଗ୍ର ଦେଶକୁ ଦୋହଲାଇ ଦେଇଥିବା କୋଲକାତା ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ, କୋର୍ଟ ଆଜି ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରଏକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପଶ୍ଚିମବଙ୍ଗର ସିଆଲଦା କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି। ଏହା ସହିତ, କୋର୍ଟ ୫୦,୦୦୦ ଟଙ୍କା ଜରିମାନା ମଧ୍ୟ ଲଗାଇଛନ୍ତି। କୋର୍ଟ ରାୟ ଦେବା ପୂର୍ବରୁ ମୃତକଙ୍କ ବାପା ଦୋଷୀକୁ ସର୍ବାଧିକ ଦଣ୍ଡ ଦେବାକୁ ଦାବି କରିଥିଲେ। କୋର୍ଟଙ୍କ ରାୟରେ ଦେଶବ୍ୟାପୀ ମିଶ୍ରିତ ପ୍ରତିକ୍ରିୟା ଆସିଛି। ଅଭୟାଙ୍କ ପରିବାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଛାତ୍ରଛାତ୍ରୀମାନେ କୋର୍ଟଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ପଶ୍ଚିମବଙ୍ଗ ଆରଜି କର ମେଡିକାଲ କଲେଜ ବାହାରେ ସ୍ୱେଚ୍ଛାସେବୀ ପୁଲିସ ଭାବେ କାମ କରୁଥିବା ସଞ୍ଜୟ ରୟ ନାମକ ଜଣେ ବ୍ୟକ୍ତି ଜଣେ ୩୧ ବର୍ଷୀୟ ମହିଳା ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ଭୟଙ୍କର ଢଙ୍ଗରେ ହତ୍ୟା କରିଥିଲା। ଦୀର୍ଘ ଦିନ ଧରି ଘଟଣାକୁ ନେଇ ପୂରା ଦେଶରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଦେଖିବାକୁ ମିଳିଥିଲା। ସୁପ୍ରିମକୋର୍ଟଙ୍କ ଠାରୁ ଆରମ୍ଭ କରି ହାଇକୋର୍ଟ ମଧ୍ୟ ଭୟଙ୍କର ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ସମସ୍ତେ ନିର୍ଦ୍ଦୟ ସଞ୍ଜୟ ରୟକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲେ। ସିବିଆଇ ମଧ୍ୟ ଘଟଣାକୁ ବିରଳରୁ ଅତି ବିରଳ ବୋଲି କହି ସଞ୍ଜୟ ପାଇଁ ଫାଶୀ ଦଣ୍ଡ ମାଗିଥିଲା। ସେହି ଅନୁସାରେ ଦଫା ମଧ୍ୟ ଲଗାଇଥିଲା। କିନ୍ତୁ ସିଆଲଦା କୋର୍ଟ ସଞ୍ଜୟ ରୟକୁ ଫାଶୀ ବଦଳରେ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତା' ଉପରେ ୫୦ ହଜାର ଟଙ୍କାର ଫାଇନ ଲଗାଇଛନ୍ତି। ସେହିପରି କୋର୍ଟ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ୧୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀ ୧୮ରେ ସିଆଲଦାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସିଆଲଦାହର ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟ ତାକୁ ଦୋଷୀ ସାବ୍ୟସ୍ତ କରିଥିଲେ।

ସଞ୍ଜୟ ଏବେ ତଳ କୋର୍ଟଙ୍କ ରାୟକୁ ହାଇକୋର୍ଟ ଓ ଦରକାର ପଡ଼ିଲେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ। ସେହିପରି ସିବିଆଇ ମଧ୍ୟ ସଞ୍ଜୟକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ପାଇଁ ଉପରକୁ କୋର୍ଟକୁ ଯାଇପାରେ।

ଅରଜି ଦଣ୍ଡ ବିଧାନର ଶୁଣାଣି ବେଳେ ସିବିଆଇ ସଞ୍ଜୟକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲା। ହେଲେ ସିଆଲଦା କୋର୍ଟର ବିଚାରପତି ଜଷ୍ଟିସ ଅନର୍ବାଣ ଦାସ ଏହାକୁ ଗ୍ରହଣ କରି ନାହାନ୍ତି। ସିବିଆଇ ଆରଜି କର କାଣ୍ଡକୁ ବିରଳରୁ ଅତି ବିରଳ ମାମଲା ଭାବେ ଦର୍ଶାଇଥିଲା। କିନ୍ତୁ ଜଷ୍ଟିସ ଦାସ କହିଛନ୍ତି, ଏହା ଆଦୌ ବିରଳରୁ ଅତି ବିରଳ ଘଟଣା ନୁହେଁ। ଏଥିପାଇଁ ମୁଁ ତୁମକୁ ମୃତ୍ୟୁ ଯାଏ କେବଳ ଜେଲଦଣ୍ଡରେ ଦଣ୍ଡିତ କରୁଛି। କୋର୍ଟ ମାମଲାରୁ ବିରଳରୁ ଅତି ବିରଳ ମାମଲା ଭାବେ ବିବେଚନା ନ କରିବାରୁ ସଞ୍ଜୟକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇ ନାହିଁ।

# ଆଜି ବରଗଡ଼ ଜିଲ୍ଲା ବନ୍ଦ ଡାକରା

ବରଗଡ଼, ୨୦।୧ (ମହାଭାରତ): ଧନୁଯାତ୍ରା ଦେଖିବାକୁ ଆସିଥିବା ନିଖୋଜ ଯୁବତୀଙ୍କୁ ଅପହରଣ, ବଳାତ୍କାର ଏବଂ ହତ୍ୟା ଉଦ୍ୟମ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ୯ଦିନ ବିତି ଯାଇଥିବା ବେଳେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇପାରି ନାହିଁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଆସନ୍ତାକାଲି ବରଗଡ ସଚେତନ ନାଗରିକ ମଞ୍ଚ ବରଗଡ଼ ବନ୍ଦ ଡାକରା ଦେଇଛି।।

ପୋଲିସ ସୋମବାର ଏହି ମାମଲାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କିନ୍ତୁ ସେମାନେ ସିଧାସଳଖ ପୀଡିତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରରେ ସମ୍ପୃକ୍ତ ନାହାନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ଫେରାର୍ କରିବାରେ ଗିରଫ ୩ଅଭିଯୁକ୍ତମାନେ ସହଯୋଗ କରିଥିଲେ ବୋଲି ପୋଲିସ କହିଛି। ସେହିପରି ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୀଡିତାଙ୍କୁ ବଳାତ୍କାର କିମ୍ବା ଗଣବଳାତ୍କାର ହୋଇ ନ ଥିବା ପୋଲିସ କହିଛି। ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବନ୍ଦ ଡାକରାକୁ ବିଭିନ୍ନ ସଂଗଠନର ସମର୍ଥନ ବଢି ଚାଲିଛି ସକାଳ ୬ଟାରୁ ସା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେବ ଏଥିରୁ ଜରୁରୀ ସେବାକୁ ବାଦ ଦିଆଯାଇଛି ବୋଲି ବରଗଡ଼ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ତିନି ଅଭିଯୁକ୍ତ ହେଲେ ବିଜେପୁର ଥାନା ଅଞ୍ଚଳର ସର୍ଜନ ଡନସନା(୩୬), ଜୟକୃଷ୍ଣ ଡନସନା (୪୦) ଓ ଜଗଦଲପୁର ଥାନା ଅଞ୍ଚଳର ପ୍ରହ୍ଲାଦ ଦାଶ(୩୩)। ଆଜି ଗିରଫ ପରେ ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି। ତେବେ ଯୁବତୀଙ୍କ ସହ ଦୁଷ୍କର୍ମ ହୋଇନଥିବା କହିଛନ୍ତି ଭୀମସାର ଅଧୀକ୍ଷକ।

# ଓଡ଼ିଶା ବାସ୍ତବରେ ପ୍ରାକୃତିକ ସମ୍ପଦରେ ରତ୍ନଗର୍ଭା : ମୁଖ୍ୟମନ୍ତ୍ରୀ

କୋଣାର୍କ, ୨୦।୧ (ମହାଭାରତ): କୋଣାର୍କରେ ଆଜିଠୁ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ଆରମ୍ଭ ହୋଇଛି। ଦୁଇ ଦିନ ଧରି କୋଣାର୍କ ଇକୋ ରିଟ୍ରିଟ୍‌ରେ ଚାଲିବ ସମ୍ମିଳନୀ । ଏହି ସମ୍ମିଳନୀରେ ୧୬ରୁ ଅଧିକ ରାଜ୍ୟର ଖଣିମନ୍ତ୍ରୀ ସାମିଲ ହୋଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଉତ୍କର୍ଷ ଓଡ଼ିଶା ଅବ୍ୟବହିତ ପୂର୍ବରୁ ଓଡ଼ିଶାରେ ହୋଇଛି ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ। ଏବେ ଦେଶର ଦୁଇ ତୃତୀୟାଂଶ ଖଣିଜ ସମ୍ପଦକୁ ଯୋଗାଉଛନ୍ତି ଓଡ଼ିଶା ସମେତ ଛତିଶଗଡ ଓ ଝାଡ଼ଖଣ୍ଡ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଏହି ତିନି ରାଜ୍ୟ ଇନ୍ଧନ ଯୋଗାଇବେ। ଓଡ଼ିଶା ସେଥିରେ ଏକ ପ୍ରମୁଖ ଭୂମିକା ତୁଲାଇବ । ବିକଶିତ ଭାରତ ଲକ୍ଷ୍ୟକୁ କିଭଳି ହାସଲ କରାଯିବ, ସେନେଇ ଏହି ପ୍ଲାଟଫର୍ମରେ ଗଭୀର ଆଲୋଚନା କରାଯିବ । ଆମେ ମନେ ରଖିବା ଉଚିତ୍, ପ୍ରାକୃତିକ ସମ୍ପଦ ଚିରସ୍ଥାୟୀ ନୁହେଁ । ତେଣୁ ପରିବେଶକୁ କ୍ଷତି ନପହଞ୍ଚାଇ ଏହାକୁ କିଭଳି ଦୀର୍ଘ ସ୍ଥାୟୀ କରିପାରିବା, ସେ ନେଇ ବାଟ ବାହାର କରିବାକୁ ପଡ଼ିବ। ଏଥିପାଇଁ ଆମକୁ ରପ୍ତାନି ଭିତ୍ତିକ ଖଣି କାର୍ଯ୍ୟକଳାପ ନକରି ଆବଶ୍ୟକତା ଅନୁଯାୟୀ ଖଣି କାର୍ଯ୍ୟକଳାପ ଉପରେ ରାସ୍ତା ବାହାର କରିବାକୁ ହେବ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଏହା ହାସଲ ହୋଇପାରିବ ଏବଂ ଏକ ମଜବୁତ ବିକଶିତ ଭାରତ ଗଠନ ହୋଇପାରିବ।




କେନ୍ଦୁଝରର ହେଉଛି ଓଡ଼ିଶାର ଗୌରବ । ମୁଁ ସେହି ଜିଲ୍ଲାରୁ ଆସିଛି, ଯାହାକି ରାଜ୍ୟ ତଥା କେନ୍ଦ୍ରର ପ୍ରଗତିରେ ବଡ ଅବଦାନ ରଖୁଛି । କେବଳ କେନ୍ଦୁଝର ନୁହେଁ, ଓଡ଼ିଶାର ପ୍ରତି କୋଣଅନୁକୋଣ ମୂଲ୍ୟବାନ ଖଣିଜ ସମ୍ପଦରେ ଭରି ରହିଛି । ଓଡ଼ିଶା ବାସ୍ତବରେ ପ୍ରାକୃତିକ ସମ୍ପଦରେ ରତ୍ନଗର୍ଭା। ଭାରତୀୟ ଅର୍ଥନୀତିରେ ଆମ ରାଜ୍ୟର ଅବଦାନ ଅତୁଳନୀୟ । ଆମ ଦେଶର ଅଭିବୃଦ୍ଧିରେ ଓଡ଼ିଶା ମଙ୍ଗୁଆଳ ହୋଇଥିବାରୁ ଏହା ଆମ ପାଇଁ ଗୌରବର କଥା । ଓଡ଼ିଶାର ଏକ ଜିଲ୍ଲାରେ ଅତି ଜରୁରୀ ତଥା ବିରଳ ଲିଥିୟମ ଥିବା ନେଇ ଜଣାପଡିଛି। ଏହା ଇ ବ୍ୟାଟେରୀ ଶିଳ୍ପ ପାଇଁ ବାସ୍ତବରେ ଏକ ଖୁସି ଖବର ।

୭ ମାସ ପୂର୍ବେ ଆମ ସରକାର କ୍ଷମତାକୁ ଆସିବା ପରେ ଆମେ ଏକ ଅନୁକୂଳ ଶିଳ୍ପ ନୀତି ପ୍ରସ୍ତୁତ କରିଛୁ। ଯାହା ଜରିଆରେ ଅନୁମୋଦନ ଓ ବିଭିନ୍ନ ପ୍ରକ୍ରିୟାକୁ ସରଳ କରାଯାଇଛି। ଏହି କାରଣରୁ ୮ଟି ଶିଳ୍ପ ସଂସ୍ଥା ସହିତ ଏମଓୟୁ ସହ ଅନେକ ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି । ୨୦୨୪ ପୂର୍ବରୁ ଓଡ଼ିଶାର ମୁଖ୍ୟ ଶକ୍ତି ଉତ୍ସ ଥିଲା ତାପଜ ବିଦ୍ୟୁତ। ଯାହାକି ମୋଟ ବିଦ୍ୟୁତ୍ ଉତ୍ପାଦନର ୬୦ ଭାଗ ଥିଲା। ଅକ୍ଷୟ ଶକ୍ତିରୁ ୫୦୦ ଗୀଗା ୱାଟ ବିଦ୍ୟୁତ ଉତ୍ପାଦନ କଥା ମୋଦି କହିବା ପରେ ଲୋକ ହସିଥିଲେ। ଏବେ ଭାରତରେ ୨୦୦ ଗିଗା ୱାଟର ଅକ୍ଷୟ ଶକ୍ତି ଉତ୍ପାଦନ ହେଉଛି। ୨୦୩୦ ସୁଦ୍ଧା ୫୦୦ ଗିଗା ୱାଟ ଅତିକ୍ରମ କରିବ । ଏବେ ଭାରତ ନିଜର ୨୦ ଭାଗ ବିଜୁଳି ସୌର ସକ୍ତିରୁ ଉତ୍ପାଦନ କରୁଛି । ମୋଦିଙ୍କ ନେତୃତ୍ୱରେ ଏଭଳି ବିକାଶ କରୁଛି ଭାରତ । ଆଗାମୀ ଦିନରେ ସବୁଠୁ ବଡ଼ ଜିନିଷ ହେବ ଗ୍ରୀନ ହାଇଡ୍ରୋଜେନ । ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ବିକାଶ ଦୃତ ଗତିରେ ତ୍ୱରାନ୍ୱିତ ହେଉଛି । ଖଣିଜ ଭରା ଜିଲ୍ଲାରୁ ଆସିଥିବା ସତ୍ତ୍ୱେ ଖଣି ଅଂଚଳରେ ରହୁଥିବା ଲୋକ ତାହାର କିଛି ଫାଇଦା ପାଉନାହାନ୍ତି। ଏହା ଯେଭଳି ବିନା ବାଟମାରଣାରେ ହିତାଧିକାରୀ ମାନଙ୍କ ପାଖରେ ପହଂଚିବ, ତାହା ରାଜ୍ୟର ଦାୟିତ୍ୱ । ରାଜ୍ୟ ସରକାର ଓଡ଼ିଶାକୁ ଏକ ବିଶ୍ୱ ସ୍ତରୀୟ ଇଣ୍ଡଷ୍ଟ୍ରିଆଲ ହବ ରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟ ସରକାର ବିକାଶ ପାଇଁ ଇସ୍ପାତ ଓ ଖଣି କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ କରୁଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସବୁ ରାଜ୍ୟକୁ ନିଜ ଭୂମିକା ତୁଲାଇବାକୁ ପଡ଼ିବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଖଣି ଓ କୋଇଲା ମନ୍ତ୍ରୀ ଜି କିଶନ ରେଡ୍ଡୀ କହିଛନ୍ତି ଯେ, ଦେଶର ଅର୍ଥନୀତିର ବିକାଶ କ୍ଷେତ୍ରରେ ମାଇନିଙ୍ଗ ସେକ୍ଟର ପ୍ରମୁଖ ଭୂମିକା ରହିଛି । କେନ୍ଦ୍ରରେ ଥିବା ମୋଦି ସରକାର ଆତ୍ମନିର୍ଭର ଭାରତ ଗଠନ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି । ମାଇନିଙ୍ଗ ସେକ୍ଟରର ସିଂହ ଭାଗ ଅବଦାନ ଅବଦାନ ରହିଛି । ଖଣିଜ ସଂପଦ ହେଉଛି ଦେଶର । ଏହି ସମ୍ପତ୍ତି ଉପରେ ଦେଶବାସୀଙ୍କର ଅଧିକାର ରହିଛି । ତେଣୁ ଏହି ସମ୍ପତ୍ତି ଦେଶବାସୀଙ୍କ ବିକାଶ କ୍ଷେତ୍ରରେ ବିନିଯୋଗ ହେବା ଆବଶ୍ୟକ । ମାଇନିଙ୍ଗ ସେକ୍ଟର ବିନା ଦେଶର ଅର୍ଥନୀତିର ବିକାଶ ଅସମ୍ଭବ । ବିକଶିତ ଭାରତ ପାଇଁ ମାଇନିଙ୍ଗ ସେକ୍ଟରର ବିକାଶ ହେବା ଜରୁରୀ । ଏହାକୁ ନେଇ ମାଇନିଙ୍ଗ ସେକ୍ଟର କ୍ଷେତ୍ରରେ ଉଭୟ କେନ୍ଦ୍ର ସହିତ ରାଜ୍ୟ ମିଳିତ ଭାବେ ଷ୍ଟ୍ରଙ୍ଗ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କୋଇଲା ଆଉ ମାଇନିଙ୍ଗ ସେକଟର ଦେଶର ଜିଡିପିରେ ୨ ପ୍ରତିଶତ ଅବଦାନ ରହିଛି । ଆଗାମୀ ଦିନରେ ଏହାକୁ ଦୁଇଗୁଣା କରିବା ପାଇଁ ଲକ୍ଷ୍ୟ ରଖା ଯାଇଛିବ । ବିଦ୍ୟୁତ, ଶିଳ୍ପ, ନିର୍ମାଣ ଅଟୋ ମୋବାଇଲ, ଷ୍ଟିଲ ସିମେଂଟ, ଅକ୍ଷୟ ଶକ୍ତି, ଆଦି ବିଭିନ୍ନ କ୍ଷେତ୍ରରେ ସେକ୍ଟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଦେଶର ୭୨ ପ୍ରତିଶତ ବିଦ୍ୟୁତ ଉତ୍ପାଦନ କଲ ସେକ୍ଟରରୁ ଆସିଥାଏ ।

# ପ୍ରଥମ ଶ୍ରେଣୀ ନାମଲେଖା ବୟସ ୬

ଭୁବନେଶ୍ୱର, ୨୦।୧ (ମହାଭାରତ): ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ କୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛନ୍ତି। କାର୍ଯ୍ୟକାରିତାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ସ୍ଥାନୀୟ ପ୍ରସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପାଠ୍ୟକ୍ରମ ରୂପରେଖକୁ ପ୍ରସ୍ତୁତ କରିବା ନେଇ ଚଳିତ ମାସର ଆରମ୍ଭରେ ବିଜ୍ଞପ୍ତି ମାଧ୍ୟମରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଘୋଷଣା କରିଥିଲା। ଜାତୀୟ ଶିକ୍ଷା ନୀତି- ୨୦୨୦ ପାଇଁ ଆସିଲା ନାମଲେଖା ବିଜ୍ଞପ୍ତି। ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ବୟସ ୬ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ।

ନୀତି କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟର ପ୍ରାରମ୍ଭିକ ପଦକ୍ଷେପର ଏକ ଅଂଶ ଭାବରେ, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ପ୍ରାଧାନ୍ୟ ଦେଇ ଜାତୀୟ ନୀତି ନିର୍ଦ୍ଦେଶାବଳୀ ସହିତ ସମନ୍ୱୟ ରଖି ସେପଟେମ୍ବର ୨୦୨୪ ରେ ନିପୁଣ ଓଡ଼ିଶା ଯୋଜନା ଆରମ୍ଭ କରାଯାଇଥିଲା । ଏଥିସହିତ ରାଜ୍ୟ ସରକାର ପିଏମ୍ ଶ୍ରୀ ଯୋଜନାକୁ କାର୍ଯ୍ୟକାରୀ କରି ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ଜାତୀୟ ଶିକ୍ଷା ନୀତି କାର୍ଯ୍ୟାନ୍ୱୟନ ପାଇଁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନୀତ କରୁଛନ୍ତି । ସମ୍ପୃକ୍ତ ଶିକ୍ଷାବର୍ଷ ସେପ୍ଟେମ୍ବର ୧ ରୁ ପ୍ରଥମ ଶ୍ରେଣୀ ପାଇଁ ନାମଲେଖା ବୟସକୁ ସଂଶୋଧିତ କରି ୬ ବର୍ଷ ଓ ଉର୍ଦ୍ଧ୍ୱ ବୟସ କରାଯାଇଛି ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ର ପରିକଳ୍ପନା ଅନୁଯାୟୀ, ୫ ବର୍ଷ ଓ ଉର୍ଦ୍ଧ୍ୱ ବୟସର ପିଲାମାନଙ୍କ ପାଇଁ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ନିମନ୍ତେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ଖୋଲିବା ନେଇ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ରେ ଘୋଷଣା କରାଯାଇଛି ।୨୦୨୫-୨୬ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ରାଜ୍ୟ ପାଠ୍ୟକ୍ରମ ରୂପରେଖର ସଂଶୋଧନ ଆରମ୍ଭ କରାଯିବ, ପ୍ରଥମ ପର୍ଯ୍ୟାୟରେ ଜାତୀୟ ପାଠ୍ୟକ୍ରମ ରୂପରେଖ ଢାଞ୍ଚାରେ ରାଜ୍ୟ ପ୍ରସଙ୍ଗୀକରଣ ସହିତ ପ୍ରାରମ୍ଭିକ ପର୍ଯ୍ୟାୟକୁ ଗ୍ରହଣ କରାଯିବ । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ, ଶିଶୁର ପ୍ରଥମ ୧୫ ବର୍ଷ ଶିକ୍ଷା ( ୩-୧୮ ବର୍ଷ ବୟସ) ପର୍ଯ୍ୟାୟକ୍ରମେ ୫+୩+୩+୪ ଭିତ୍ତିରେ ପରିବର୍ତ୍ତନ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟ ଦୁଇ ଭାଗରେ, ଅର୍ଥାତ୍ ୩ ବର୍ଷ ଅଙ୍ଗନବାଡି, ୨ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ବୟସ ୩ ବର୍ଷରୁ ୮ ବର୍ଷ, ପ୍ରସ୍ତୁତି ପର୍ଯ୍ୟାୟ ( (ତିନି ବର୍ଷ ଅର୍ଥାତ୍ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ, ବୟସ ୮ ବର୍ଷରୁ ୧୧ ବର୍ଷ), ମଧ୍ୟ ପର୍ଯ୍ୟାୟ ତିନି ବର୍ଷ ଅର୍ଥାତ୍ ଷଷ୍ଠରୁ ଅଷ୍ଟମ ଶ୍ରେଣୀ, ବୟସ ୧୧ ବର୍ଷରୁ ୧୪ ବର୍ଷ), ମାଧ୍ୟମିକ ପର୍ଯ୍ୟାୟ ( ଚାରି ବର୍ଷ ଅର୍ଥାତ୍ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ, ବୟସ ୧୪ ବର୍ଷରୁ ୧୮ ବର୍ଷ ।

## କଖାରୁ ହାଲୁଆ

ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟଂଜନ ପ୍ରସ୍ତୁତ କରିହେବ। ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ।

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



**····· ପରଦା ଖବର ······**

# ଟିଭି ଅଭିନେତା ଯୋଗେଶ ମହାଜନଙ୍କର ଅକାଳ ବିୟୋଗ



ଟେଲିଭିଜନ ଅଭିନେତା ଯୋଗେଶ ମହାଜନଙ୍କର ଜାନୁଆରି ୧୯ ତାରିଖରେ ଅକାଳ ବିୟୋଗ ହୋଇଛି। ସେ ତାଙ୍କ ଉମରଗାଓଁ ଫ୍ଲାଟରୁ ମୃତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ସେ ଶିବ ଶକ୍ତି: ତପ, ତ୍ୟାଗ, ତାଣ୍ଡବ ଧାରାବାହିକରେ ଅଭିନୟ କରୁଥିଲେ। ଅଭିନେତା ସେଟରେ ନପହଞ୍ଚିବାରୁ କ୍ରୁ ସଦସ୍ୟଙ୍କ ଚିନ୍ତା ବି ଯାଇଥିଲା। ସେମାନେ ତାଙ୍କ ଫ୍ଲାଟରେ ଯାଇ ଦେଖିବା ବେଳକୁ ଯୋଗେଶ ଅଚେତ ଅବସ୍ଥାରେ ମିଳିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି।ସେ ହିନ୍ଦି ଟିଭି ସିରିଏଲ ଓ ମରାଠି ଫିଲ୍ମରେ ଅଭିନୟ କରିଛନ୍ତି। ଅଭିନେତାଙ୍କ ମୃତ୍ୟୁ ହୃଦଘାତ ଯୋଗୁଁ ହୋଇଥିବା ଜଣାପଡିଛି। ଯୋଗେଶଙ୍କର ଏପରି ଅକସ୍ମାତ ମୃତ୍ୟୁରେ ଅଭିନୟ ଜଗତରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ଯେଉଁଦିନ ତାଙ୍କର ସୁଟିଂ ଥିଲା ସେ ସେଟରେ ଠିକ ସମୟରେ ପହଞ୍ଚିନଥିଲେ ୟ ସୁଟିଙ୍ଗ କ୍ରୁ ମେମ୍ବର୍ସ ତାଙ୍କର ଫ୍ଲାଟକୁ ତାଙ୍କୁ ଡାକିବାକୁ ଯାଇଥିଲେ। ହେଲେ କବାଟ ଖୋଲିନଥିଲେ ଯୋଗେଶ। ଫଳରେ କବାଟ ଭାଙ୍ଗିବାକୁ ବାଧ ହାଇଥିଲେ କ୍ରୁ ମେମ୍ବର୍ସ ।ସେ ତାଙ୍କ ପ୍ଲାଟ ଚଟାଣରେ ପଡିଥିଲେ । ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ବି ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ କଲେ ଡାକ୍ତର।

## ଫ୍ରିଜରେ ଚକଟା ଅଟା ରଖନ୍ତୁ ନାହିଁ



ପ୍ରାୟ ସମୟରେ ମହିଳାମାନେ ସମୟ ବଞ୍ଚାଇବା ପାଇଁ ଅଟା ଚକଟି ଫ୍ରିଜରେ ରଖି ଦିଅନ୍ତି। ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଖୁବ ହାନିକାରକ ହୋଇଥାଏ। ବିଶେଷଜ୍ଞଙ୍କ ଅନୁସାରେ ଅଟା ଚକଟିବାର ସଙ୍ଗେ ସଙ୍ଗେ ହିଁ ଏହାକୁ ବ୍ୟବହାର କରିବା ଆବଶ୍ୟକ ।

ଏହାକୁ ଫ୍ରିଜରେ ରଖିଲେ ଫ୍ରିଜର ହାନିକାରକ ଲାଇଟ୍ ଅଟାକୁ ଖରାପ କରିଥାଏ। ଯାହା ଆମ ଶରୀର ପାଇଁ ହାନିକାରକ ହୋଇଥାଏ ।

ଆୟୁର୍ବେଦିକ ତଥ୍ୟ : ଏହି ବିଷୟରେ ଆର୍ୟୁବେଦିକ ତଥ୍ୟ ମଧ୍ୟ ଦିଆଯାଇଛି। ଫ୍ରିଜରେ ବାସି ଅଟା ରଖିବା ଅର୍ଥ ବାସି ରୁଟି ଖାଇବା ସଙ୍ଗେ ସମାନ ହୋଇଥାଏ । ସଙ୍ଗେ ସଙ୍ଗେ ଅଟା ଚକଟା ହୋଇ ତିଆରି ହୋଇଥିବା ରୁଟି ଏବଂ ଫ୍ରିଜରେ ରହିଥିବା ଅଟାର ରୁଟିରେ ଅଲଗା ସ୍ୱାଦ ବୋଲି ଆପଣ ମଧ୍ୟ ଅନୁଭବ କରିଥିବେ। ଧାର୍ମିକ କାରଣ ଶାସ୍ତ୍ରରେ କୁହାଯାଇଛି ଯେ, ବାସି ଖାଦ୍ୟ ଭୂତର ଖାଦ୍ୟ ସହ ସମାନ ହୋଇଥାଏ। ଯେତେବେଳେ ଘରେ ବଳି ଯାଇଥିବା ଅଟା ଆମେ ଫ୍ରିଜରେ ଆମେ ରଖିଥାଉ, ଭୂତମାନଙ୍କର ଏହା ଉପରେ ନଜର ପଡିଥାଏ । ଯେଉଁମାନଙ୍କ ଘରେ ଏହିପରି ଅଟା ଫ୍ରିଜରେ ରଖାଯାଇଥାଏ, ସେମାନଙ୍କ ଘରେ ସବୁ ବେଳେ କିଛି ନା କିଛି ପ୍ରକାରର ରୋଗ ଲାଗି ରହିଥାଏ।

## ଦକ୍ଷିଣ ଦିଗରେ ଭୁଲରେ ବି ରଖନ୍ତୁ ନାହିଁ ଏହି ଜିନିଷ ; ହୋଇଯିବେ କାଙ୍ଗାଳ

ବାସ୍ତୁଶାସ୍ତ୍ରରେ ଦିଗର ମହ□। ବର୍ଣ୍ଣନା କରାଯାଇଛି। ଘରେ ରଖାଯାଉଥିବା ପ୍ରତ୍ୟେକ ଜିନିଷ ବାସ୍ତୁ ଅନୁସାରେ ରଖିବା ଦ୍ୱାରା ଜୀବନରେ କଦାପି ସମସ୍ୟାର ସାମ୍ନା କରିବାକୁ ପଡି ନଥାଏ। ସେହିଭଳି ଘରେ ଦିଗ ପ୍ରତି ଧ୍ୟାନ ନଦେବା ଦ୍ୱାରା ଜୀବନରେ ନାନା ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏକ ଛୋଟ୍ ଭୁଲ୍ ପାଇଁ ବ୍ୟକ୍ତି କାଙ୍ଗାଳ ମଧ୍ୟ ହୋଇ ଯାଆନ୍ତି। ଘରର ପ୍ରତ୍ୟେକ ଦିଗର କିଛି ନା କିଛି ଜିନିଷ ରଖିବାକୁ ବାରଣ କରାଯାଇଛି। ଏହାଦ୍ୱାରା ଅଶୁଭ ହୋଇଥାଏ। ଭୁଲରେ ମଧ୍ୟ ବାରଣ ହୋଇଥିବା ଜିନିଷକୁ ସେହି ଦିଗରେ ରଖନ୍ତୁ ନାହିଁ। ଜାଣନ୍ତୁ ଦକ୍ଷିଣ ଦିଗରେ କେଉଁ ଜିନିଷକୁ ରଖିବାକୁ ବାରଣ କରାଯାଇଛି। ଜ୍ୟୋତିଷ ଶାସ୍ତ୍ରରେ ଦକ୍ଷିଣ ଦିଗକୁ ଯମ ଦେବତାଙ୍କ ଦିଗ ବୋଲି ମାନ୍ୟତା ରହିଛି। କୁହାଯାଏ ଦକ୍ଷିଣ ଦିଗରେ ଭୁଲରେ ମଧ୍ୟ ଜଳନ୍ତା ଦୀପ ରଖନ୍ତୁ ନାହ। ବାସ୍ତୁ ଅନୁସାରେ ଦକ୍ଷିଣ ଦିଗରେ ଜଳନ୍ତା ଦୀପ ରଖିବା ଦ୍ୱାରା ଅଶୁଭ ହୋଇଥାଏ। ଏହାଦ୍ୱାରା ବ୍ୟକ୍ତିଙ୍କୁ ଜୀବନରେ ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏଭଳି କି ବ୍ୟକ୍ତି ଧିରେ ଧିରେ କାଙ୍ଗାଳ ହୋଇଯାଏ। ଘରୁ ସୁଖଶାନ୍ତି ଦୂର ହୋଇଯାଏ।ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଘରେ ଜଳନ୍ତା ଦୀପ ସର୍ବଦା ଉତ୍ତର ଦିଗରେ ରଖିବା ଆବଶ୍ୟକ। ଏହି ଦିଗରେ ଦୀପ ରଖିବା ଶୁଭଙ୍କର। କୁହାଯାଏ ଏହାଦ୍ୱାରା ମା'ଲକ୍ଷ୍ମୀ ଓ ଭଗବାନ କୁବେରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ ଯ ଯାଦ୍ୱାରା ବ୍ୟକ୍ତି ବିଶେଷଙ୍କୁ ଧନ ପ୍ରାପ୍ତି ହୋଇଥାଏ। କଦାପି ଟଙ୍କାର ଅଭାବ ହୋଇନଥାଏ।ଏହାସହ ଘରର ଦକ୍ଷିଣ ଦିଗରେ ଭୁଲରେ ମଧ୍ୟ ତୁଳସୀ ବୃକ୍ଷ ରଖନ୍ତୁ ନାହିଁ। ଏହାଦ୍ୱାରା ମଧ୍ୟ ଘରୁ ସୁଖସମୃଦ୍ଧି ଦୂର ହୋଇଯାଏ।



# କେମିତି ବ୍ୟବହାର କରିବେ ଫେସ୍ ପାଉଡର୍ ?

ବ୍ୟୁଟିସିଆନ୍ ମେକ୍ଅପ୍ କରିବା ସମୟରେ ପ୍ରାଇମର୍, କନ୍‌ସିଲର୍ ପରେ ପାଉଡର୍ ଲଗାଇଥାଆନ୍ତି। ପାଉଡର୍‌ର ବ୍ୟବହାର ମେକ୍ଅପ୍‌କୁ କିଛି ଘଣ୍ଟା ପର୍ଯ୍ୟନ୍ତ ସିଲ୍ କରି ଅତ୍ୟଧିକ ଗ୍ଲୋଇଙ୍ଗ୍ ଇଫେକ୍ଟ ଦିଏ, ସେହିଭଳି ଫାଉଣ୍ଡେସନ୍‌ର ଫାଇନାଲ୍ ଟଚ୍ ମେକ୍ଅପ୍‌କୁ ଫିନିଶ୍ ଦେବାରେ ସହାୟକ। କିନ୍ତୁ ଆମେ ଜାଣତରେ ହେଉ ବା ଅଜାଣତରେ ଏହାକୁ ନେଇ ଭୁଲ୍ କରିବସୁ। ଯେଉଁ କାରଣରୁ ଲୁକ୍ ପୁରା ଖରାପ ହୋଇଯାଏ। ଫେସ୍ ପାଉଡର୍‌କୁ କିଭଳି ବ୍ୟବହାର କରିବା ଦରକାର ତାହା ଜାଣିଯିବା ଉଚିତ୍।



- ମେକ୍ଅପ୍ ସେତେବେଳେ ଭଲ ଦିଶିବ ଯେତେବେଳେ ଏହାକୁ ଭଲ ଭାବେ ଆପ୍ଲାଏ କରାଯିବ। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ସଠିକ୍ ମେକ୍ଅପ୍ ଟୁଲ୍ସ। ଏହା ଫେସ୍ ପାଉଡର୍ ସହ ଥାଏ। ଯଦି ଆପଣଙ୍କ ସ୍କିନ୍ ତୈଳାକ୍ତ ହୋଇଥାଏ ତେବେ ପାଉଡର୍ ପପ୍ ବ୍ୟବହାର କରନ୍ତୁ, ଅତ୍ୟଧିକ ତୈଳାକ୍ତ ଶୁଖି ମ୍ୟାଟ୍ ଫିନିଶ୍ ଲୁକ୍ ଦେଇପାରିବ। ସାଧାରଣ କିମ୍ବା ରୁକ୍ଷ ତ୍ୱଚା ହୋଇଥିଲେ ପାଉଡର୍ ବ୍ରଶ୍ ବ୍ୟବହାର କରାଯାଇପାରେ।
- ପ୍ରଡକ୍ଟ କିଣିବା ସମୟରେ ସ୍କିନ୍‌ଟୋନ୍ ଯଥେଷ୍ଟ ନୁହେଁ। ଏଥିପାଇଁ ସ୍କିନ୍ ଟାଇପ୍‌କୁ ଧ୍ୟାନରେ ରଖିବା ଜରୁରୀ। ଯଦି ଆପଣଙ୍କ ତ୍ୱଚା ତୈଳାକ୍ତ ହୋଇଥାଏ ତେବେ ଫେସ୍ ପାଉଡର୍ ଏଭଳି ବାଛନ୍ତୁ ଯେଉଁଥିରେ କେବଳ ଟ୍ୟାଲ୍‌କମ୍ ଥିବ। କାରଣ ଏହା ଚେହେରାରୁ ତୈଳାକ୍ତକୁ ପୋଛି ପରଫେକ୍ଟ ଫିନିଶ୍ ଦେବ। ସେହିଭଳି ଶୁଷ୍କ ତ୍ୱଚା ଥିଲେ ହାଇଡ୍ରୋନିକ୍ ଏସିଡ୍ ଓ ହାଇଡ୍ରେଟିଙ୍ଗ୍ ପ୍ରପର୍ଟି ଥିବା ଫେସ୍ ପାଉଡର୍ ବାହାର କରନ୍ତୁ।
- ମାର୍କେଟ୍‌ରୁ ଫାଉଣ୍ଡେସନ୍ କିଣନ୍ତୁ ବା କନ୍‌ସିଲର୍ କିମ୍ବା ଫେସ୍ ପାଉଡର୍, ତିନିଟି ମଧ୍ୟରେ ଗୋଟିଏ ହି ଫର୍ମୂଲା ଆପଣାନ୍ତୁ। ତ୍ୱଚା ଅନୁସାରେ ଏକ ସେଡ୍ ଲାଇଟ୍ ପାଉଡର୍ କିଣନ୍ତୁ।
- ଫେସ୍ ପାଉଡର୍ କେବଳ ତ୍ୱଚା ଓ ବେକର ଆଖପାଖରେ ଲଗାଯାଏ ତା ନୁହେଁ। ପାଉଡର୍ ସବୁବେଳେ ମଥା, ନାକ ଓ ଚିବୁକ ଉପରେ ଲଗାନ୍ତୁ। କାରଣ ତ୍ୱଚାର ଏହି ଭାଗ ହିଁ ସବୁବେଳେ ଅଧିକ ତୈଳାକ୍ତ ଜଣାପଡ଼େ। ମଥାରେ ଲଗାଇବା ସମୟରେ ପାଉଡର୍ ଯେପରି କେଶ ଆଡ଼କୁ ନଯାଏ ସେଥିପ୍ରତି ଧ୍ୟାନ ଦେବେ। ନଚେତ୍ ଆପଣଙ୍କ କେଶ ବିନ୍ୟାସ ମଧ୍ୟ ବିଗିଡ଼ିଯିବ ଓ ପାଉଡର୍ ଲିଭାଇବା ବି ମୁସ୍କିଲ ହେବ।
- ମେକ୍ଅପ୍ କରିବା ପୂର୍ବରୁ ତ୍ୱଚାକୁ ମଏଶ୍ଚରାଇଜ୍ କରିବା ଦରକାର। ଏଥିସହ ମେକ୍ଅପ୍ ପାଇଁ ନରମ ଆବରଣ ପ୍ରସ୍ତୁତ କରନ୍ତୁ। ଫେସ୍ ପାଉଡର୍‌କୁ ପରଫେକ୍ଟ ଫିନିଶ୍ ଦେବା ପାଇଁ ଏହା ବ୍ୟବହାର କରିବା ଜରୁରୀ। ଏହାଦ୍ୱାରା ମେକ୍ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ସତେଜ ରହିବ।
- କୌଣସି ବି ପ୍ରଡ୍‌କ୍ଟକୁ ଦରକାର ଠାରୁ ଅଧିକ ବ୍ୟବହାର କରନ୍ତୁ ନାହିଁ। ଏହା ମଧ୍ୟ ଫେସ୍ ପାଉଡର୍ ପାଇଁ ଦରକାର। ଅଧିକ ମାତ୍ରାରେ ଲଗାଇବା ବଦଳରେ ଏହାର ଗୋଟିଏ ମାତ୍ର କୋଟ୍ ଲଗାଇ ଶେଷରେ ଅତ୍ୟଧିକ ପାଉଡର୍‌କୁ ବ୍ରଶ୍‌ରେ ହଟାନ୍ତୁ।

## ଘର ପାଇଁ ବାସ୍ତୁ କାହିଁକି ଜରୁରୀ

ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା' ପାଇଁ କିଛି ନିର୍ଦ୍ଧିଷ୍ଟ ନିୟମ ମାନିବାକୁ ପଡ଼ିଥାଏ। କିନ୍ତୁ ହାଠାତ ଯେତେବେଳେ ଘରେ କେଯଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ।



ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ। କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ। ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ।

ଗୃହିଣୀ ସୂର୍ଯ୍ୟାଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ। ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ। କିନ୍ତୁ ସୂର୍ଯ୍ୟୋଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ। ଆମେ ନିତିଦିନଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ। ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ। ଏମିତି କଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ଘରର ଧାନଧାନ୍ୟ ବୃଦ୍ଧି ହେବାର ବାଧା ସୃଷ୍ଟି ହୋଇଥାଏ।

ଘରର ମହିଳାମାନେ ଯେତେ ଖୁସିରେ ରହିବେ ଘରର ମାହୋଲ ଏବଂ ବାତାବରଣ ମଧ୍ୟ ସେତେ ଅଧିକ ଭଲ ରହିବ। ଯେଉଁ ଘରର ମହିଳ । ସଦସ୍ୟ ମାନେ ଯେତେ ଅଧିକ ଝଗଡ଼ା ଏବଂ ପାଟିତୁଣ୍ଡ କରିଥାନ୍ତି ଏହା ଘରର ମାହୋଲକୁ ବିଗାଡ଼ିକା ସହିତ ଏକ ନକରାତ୍ମକ ବାତାବରଣ ଘରେ ସୃଷ୍ଟି କରିଥାଏ।

## ଟାର୍ଗେଟ କିଲିଂ

ମଣିପୁରରେ ଜାତିଗତ ହିଂସା ଲାଗି ରହିଥିବା ଜାଣି ସୁଦ୍ଧା ସେମାନେ ସେଠାକୁ କାମ କରିବାକୁ ଯିବା ନିହାତି ଚିନ୍ତାର ବିଷୟ। ଏଥିରୁ ଭାରତରେ ଶ୍ରମିକ ବର୍ଗର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। କେବଳ ମଣିପୁର ନୁହେଁ, ସବୁ ରାଜ୍ୟରେ ସମାନ ଅବସ୍ଥା। ଜାମ୍ମୁ-କାଶ୍ମୀରରେ ମଧ୍ୟ ଆତଙ୍କବାଦୀମାନେ ପ୍ରବାସୀ ଶ୍ରମିକମାନଙ୍କୁ ନିୟମିତ ଟାର୍ଗେଟ କରି ଆସୁଛନ୍ତି। ବିଶେଷ କରି ଜାମ୍ମୁରେ ଅନେକ ବାହାର ରାଜ୍ୟର ଶ୍ରମିକ କାର୍ଯ୍ୟ କରନ୍ତି। ସେମାନେ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂର ଶ୍ରୀକାର ହେଉଛନ୍ତି। କିଛି ମାସ ତଳେ କାଶ୍ମୀରର ଗନ୍ଦରବାହାଲରେ ଆତଙ୍କବାଦୀଙ୍କ ଗୁଳିରେ ୬ଜଣ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଥିଲେ। ଏବେ ମଣିପୁରର ପାଳି। କିଛିଦିନର ବ୍ୟବଧାନରେ ମଣିପୁରରେ ପୁଣି ହିଂସାତେଜିଛି। ସୁରକ୍ଷା ବାହିନୀର ଗୁଳିରେ ୧୧ଜଣ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିହତ ହୋଇଛନ୍ତି। ଏହା ପରେ କୁକି ସମ୍ପ୍ରଦାୟ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ରାଜ୍ୟରେ ପୁଣି କର୍ଫ୍ୟୁ ଜାରି କରାଯାଇଛି। ଏହା ଫଳରେ ରାଜ୍ୟରେ ପୁଣି ଭୟ,ଆତଙ୍କ ଏବଂ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି। ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି।

## ଫଂତୁରାନନ୍ଦଙ୍କ ଚରିତ୍ରର ଅଜ୍ଞାତ ଦିଗ

॥ ରଘୁନାଥ ମହାପାତ୍ର ॥

"ଫଂତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫଂତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫଂତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ।

ଓଡ଼ିଆ ସାହିତ୍ୟର ପ୍ରଥିତ ଯଶା ହାସ୍ୟ ବ୍ୟଙ୍ଗ ଲେଖକ ଫଂତୁରାନନ୍ଦଙ୍କୁ ସାହିତ୍ୟ ରସପିପାସୁ ପାଠକମାନେ ଭଲ ଭାବରେ ଜାଣନ୍ତି ଚିହ୍ନନ୍ତି। ପତ୍ର ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାକୁ ପଢ଼ିବା ପାଇଁ ସମସ୍ତେ ଉତ୍କଣ୍ଠିତ ହୋଇ ରହିଥାନ୍ତି। ପତ୍ରିକାଟିଏ ହାତରେ ପଡ଼ିଲେ ପ୍ରଥମେ ସୂଚୀପତ୍ରରେ ଖୋଜନ୍ତି ଫଂତୁରାନନ୍ଦଙ୍କ ନାଁ। ସେଇ ନାଁଟି ମିଳିଗଲା ପରେ ପତ୍ରିକାର ପୃଷ୍ଠା ଓଲଟାଇ ଲେଖାଟିକୁ ଅଣନିଃଶ୍ୱାସୀ ହୋଇ ପଢ଼ି ପକାନ୍ତି। ଏହା ହିଁ ତାଙ୍କ ଲେଖାର ଆକର୍ଷଣ। ବ୍ୟଙ୍ଗ ଲେଖକ ହିସାବରେ ସେ ହିନ୍ଦୀ ଲେଖକ ହରି ଶଙ୍କର ପରସାୟୀଙ୍କ ସମସାମୟିକ ଏବଂ ତାଙ୍କରି ପରି ପ୍ରତିଭାବାନ। ହିନ୍ଦୀ ସାହିତ୍ୟରେ ପରସାୟୀଙ୍କର ଯେଉଁ ପ୍ରତିଷ୍ଠା ରହିଛି ଓଡ଼ିଆ ସାହିତ୍ୟରେ ଫଂତୁରାନନ୍ଦଙ୍କର ତା'ଠାରୁ ଅଧିକ ପ୍ରତିଷ୍ଠା ରହିଛି। ୧୯୬୬ ମସିହାରେ ମୁଁ ପ୍ରଥମେ ଫଂତୁରାନନ୍ଦ ସହିତ ତାଙ୍କ ଝାଞ୍ଜିରୀମଙ୍ଗଳା ବାସଗୃହରେ ସାକ୍ଷାତ କରିଥିଲି। ସେହି ଦିନ ଠାରୁ ତାଙ୍କ ସହିତ ମୋର ବନ୍ଧୁତା ଏପରି ଘନିଷ୍ଠ ହୋଇଗଲା ଯେ ତାଙ୍କ ମୃତ୍ୟୁ ତା ୬-୧୧-୧୯୯୫ ପର୍ଯ୍ୟନ୍ତ ତାହା ଅବିଚ୍ଛିନ୍ନ ହୋଇ ରହିଥିଲା। ପ୍ରତିଦିନେ ଦୁଇଦିନେ ସଂଧ୍ୟାବେଳେ ମୁଁ ଡଗର ପ୍ରେସକୁ ଯାଇ ତାଙ୍କ ସହିତ ସାକ୍ଷାତ କରୁଥିଲି ଏବଂ ପ୍ରେସର ଭଲ ମନ୍ଦ ବିଷୟରେ ଆଲୋଚନା କରୁଥିଲି। ଦୀର୍ଘଦିନ ତାଙ୍କ ସହିତ ଘନିଷ୍ଠତା ରହିବା ଫଳରେ ତାଙ୍କ ବ୍ୟକ୍ତି ଚରିତ୍ରର କେତୋଟି ଦିଗ ମୁଁ ଦେଖିପାରିଥିଲି ଯାହା ଅନ୍ୟମାନେ ଦେଖିପାରି ନାହାନ୍ତି। ମୁଁ ସେହି ବିଷୟରେ କିଛି ଲେଖି ପାଠକମାନଙ୍କୁ ଜଣାଇବା ପାଇଁ ଚାହୁଁଛି। ୧. ଫଂତୁରାନନ୍ଦଙ୍କ ବନ୍ଧୁ ବତ୍ସଳତା, ୨. ଫଂତୁରାନନ୍ଦଙ୍କ ବଦାନ୍ୟତା, ୩. ଅନ୍ୟକୁ ସାହାଯ୍ୟ କରିବାର ଉଦାରତା, ୪. ଗରିବ ଛାତ୍ରଙ୍କୁ ଅର୍ଥଦାନ କରି ପଢ଼ାଇବାର ପ୍ରେରଣାଦାତା, ୫. ପଶୁ ପକ୍ଷୀ ମାନଙ୍କ ପ୍ରତି ତାଙ୍କର ନିବିଡ଼ ଶ୍ରଦ୍ଧା, ୬. ସାହିତ୍ୟ ସ୍ରଷ୍ଟାଙ୍କୁ ପ୍ରୋତ୍ସାହନ ଏହିପରି ଅନେକ ଗୁଡ଼ିଏ ସାତ୍ତ୍ୱିକଗୁଣ ତାଙ୍କ ଠାରେ ପରିଲକ୍ଷିତ ହୁଏ ଯାହା ଅନ୍ୟ ଲୋକମାନଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସାହିତ୍ୟ ସର୍ଜନା ଆରମ୍ଭ କରିବା ଦିନରୁ ସେ ଗେରୁଆ ଲୁଙ୍ଗି ଓ ଗେରୁଆ ସାର୍ଟ ପିନ୍ଧୁଥିଲେ। ଛାତି ଉପରେ ଗେରୁଆ ରଙ୍ଗର ଚାଦର ଘୋଡେଇ ହେଉଥିଲେ। ତାଙ୍କ ଚେହେରା ଜଣେ ସନ୍ନ୍ୟାସୀ ପରି ଦେଖାଯାଉଥିଲା। ସେ ପିଲାଦିନରୁ ଯୋଗ ଓ ବ୍ୟାୟାମ କରୁଥିବାରୁ ତାଙ୍କ ଶରୀର ଖୁବ୍ ହୃଷ୍ଟପୁଷ୍ଟ ଥିଲା। ତାଙ୍କୁ ଦେଖିଲାମାତ୍ରେ ଯେ କୌଣସି ଲୋକ ତାଙ୍କୁ ଜଣେ ସନ୍ନ୍ୟାସୀ ଛଡ଼ା ଅନ୍ୟ କିଛି ଭାବିବ ନାହିଁ। ଫଂତୁରାନନ୍ଦ ତାଙ୍କର ଆତ୍ମଜୀବନୀ 'ମୋଫୁଟା ଡଙ୍ଗାର କାହାଣୀ' ଲେଖିଛନ୍ତି ସେଥିରେ ନିଜ ବିଷୟରେ ଯାହା ଲେଖି ନାହାନ୍ତି ମୁଁ ସେହି ବିଷୟ ଗୁଡ଼ିକ ଉଲ୍ଲେଖ କରିବାକୁ ଚାହେଁ।

ତାଙ୍କର ବନ୍ଧୁ ବତ୍ସଳତା : ଫଂତୁରାନନ୍ଦଙ୍କ ବ୍ୟକ୍ତିତ୍ୱରେ ଏକ ଚୁମ୍ବକ ଶକ୍ତି ଥିଲା। ଯେ କୌଣସି ଲୋକ ତାଙ୍କ ପାଖକୁ ଆସି ଦୁଇ ଚାରିପଦ କଥା ହେବ ସେ ଅଜଣା ହେଉ ଅଶୁଣା ହେଉ ତାପରେ ସେ ହୋଇଯିବ ଫଂତୁରାନନ୍ଦଙ୍କ ବନ୍ଧୁ। କେବଳ ବନ୍ଧୁ ନୁହେଁ ଘନିଷ୍ଠ ବନ୍ଧୁ। ଏହି ସମ୍ପର୍କରେ ମୁଁ କେତେଜଣ ବିଶିଷ୍ଟ ଲେଖକଙ୍କ ନାମ ଉଲ୍ଲେଖ କରୁଛି ପ୍ରଥମ ହେଲେ ଓଡ଼ିଶାର ପ୍ରଥିତଯଶା କବି ଡଃ ଗୋପାଳ ଚନ୍ଦ୍ର ମିଶ୍ର। ସେ ବରାବର ଡଗର ପ୍ରେସକୁ ଆସନ୍ତି ଏବଂ ଫଂତୁରାନନ୍ଦଙ୍କୁ ରାମନା ବୋଲି ସମ୍ବୋଧନ କରନ୍ତି। ରାସ୍ତା ଉପରୁ ସେ ରାମନା ରାମନା ଡାକଛାଡ଼ି ଡଗର ପ୍ରେସ ଭିତରକୁ ପଶନ୍ତି। ଫଂତୁରାନନ୍ଦ ନଦେଖି ପାରିଲେ ମଧ କଣ୍ଠ ଶବ୍ଦରୁ ଜାଣି ପାରନ୍ତି ଗୋପାଳ ମିଶ୍ର ଆସିଗଲେ ତେଣୁ ସେ ହସି ହସି କହନ୍ତି 'କହ ନୂଆବୋଉ ଭଉଣୀ ତୁମର ଅଛକି ଆଉ ?' ପାଇଲି ପାଇଲି ରାମନା ଭଉଣୀ ଗୋଟିଏ ପାଇଲି ତମେ ଦେଖିବନି ନେଇ ଆସିବି ଏଠିକି ? ଆରେ ମୋର କ'ଣ ଆଖି ଅଛି ଦେଖିବି ? ତମେ ଦେଖ ତା ପାଇଁ ପୁଣି କବିତା ଲେଖ। ଗୋପାଳ ମିଶ୍ର ଠୋ ଠୋ ହୋଇ ହସନ୍ତି। କହନ୍ତି ରାମନା ଆଉ ଗୋଟିଏ ବଢ଼ିଆ କବିତା ଲେଖିଛି କାଲି ସଂଧ୍ୟାବେଳକୁ ଆଣିବି ଆଜି ବଜାରରେ କାମ ଅଛି ଶୀଘ୍ର ପଳାଉଛି। ଏହି ଗୋପାଳ ମିଶ୍ର ଥିଲେ ସୁଲେଖକ କବି ରେଭେନ୍ସା କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ। ଫଂତୁରାନନ୍ଦଙ୍କ ସହିତ ତାଙ୍କର ଆତ୍ମୀୟତା ବହୁତ ଭଲ ଥିଲା। ଆଉ ଜଣେ ହେଲେ ଜେନାକବି ମୁରାରୀ ମୋହନ ଜେନା। ଫଂତୁରାନନ୍ଦଙ୍କ ସାନଭାଇ ଡଃ ଶ୍ୟାମସୁନ୍ଦର ମିଶ୍ରଙ୍କ ସହପାଠୀ। ଘର ତାଙ୍କର ଭଗତପୁର ଗ୍ରାମରେ। ଝାଞ୍ଜିରୀମଙ୍ଗଳା ଓ ଭଗତପୁର ଲଗାଲଗି ହୋଇ ଦୁଇଟି ସାହି। ଶ୍ୟାମସୁନ୍ଦର ମିଶ୍ର ଟିକିଏ ନରମ ସ୍ୱଭାବର କିନ୍ତୁ ମୁରାରୀ ମୋହନ ଟିକିଏ ଉଗ୍ର ସ୍ୱଭାବର। ଫଂତୁରାନନ୍ଦଙ୍କୁ ସେ ରାମ କକେଇ ବୋଲି ଡାକନ୍ତି। ତାଙ୍କ କବିତା ଡଗରରେ ନ ବାହାରିଲେ ସେ ଦୋଷାରୋପ କରନ୍ତି ଫଂତୁରାନନ୍ଦଙ୍କ ଉପରେ। ମଝିରେ ମଝିରେ ତାଙ୍କ କବିତା ବାହାରେ। କବିତା ଉପରେ ସେ ନାନା ଦିଗରୁ ଆଲୋଚନା କରନ୍ତି ଏବଂ ତାଙ୍କ କବିତାର ଶ୍ରେଷ୍ଠତା ପ୍ରତିପାଦନ କରନ୍ତି। ତାଙ୍କ ଲେଖା ଯେ କେବଳ ଡଗରରେ ପ୍ରକାଶ ପାଏ ତାହା ନୁହେଁ ଓଡ଼ିଶା ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ କବିତା ପ୍ରକାଶିତ ହୁଏ। ସେ ଜଣେ ଦକ୍ଷ ସାହିତ୍ୟ ସଂଗଠକ। ଉତ୍କଳ ସାହିତ୍ୟ ସମାଜର ସେ କେତେ ବର୍ଷ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ଫଂତୁରାନନ୍ଦ ଯେଉଁ ସରସ ସାହିତ୍ୟ ସମିତି ଗଢ଼ିଥିଲେ ସେଥିରେ ମଧ ସେ ସଂପାଦକ ଥିଲେ। ରଜ ଉତ୍ସବ କିପରି ଜାକ ଜମକରେ ପାଳିତ ହେବ ସେଥିପାଇଁ ସେ ଭାରି ତତ୍ପର ହେଉଥିଲେ। ସରସ ସାହିତ୍ୟ ସମିତି ରଜ ଉତ୍ସବରେ ଗବେଷକ ସଚ୍ଚିଦାନନ୍ଦ ମିଶ୍ର ପ୍ରବନ୍ଧ ପଢ଼ିଲାବେଳେ ମୁରାରୀ ବାବୁ ଟିକା ଟିପ୍ପଣୀ ଦେଉଥିଲେ ଯାହାଫଳରେ ଦୁଇଜଣଙ୍କ ଭିତରେ କଳି ଗୋଳ ଲାଗୁଥିଲା ଯାହାକୁ ଫଂତୁରାନନ୍ଦ ସମାଧାନ କରୁଥିଲେ।

ଫଂତୁରାନନ୍ଦଙ୍କର ଜଣେ ସହପାଠୀ ଥିଲେ ଡାକ୍ତର ପୁଲିନ ବିହାରୀ ରାୟ। ସେ ଜଣେ ହାସ୍ୟ ବ୍ୟଙ୍ଗ ଲେଖକ ଏବଂ ଜଣେ ଫୁଟବଲ ଖେଳାଳୀ। ମେଡ଼ିକାଲରେ ପଢ଼ିଲାବେଳେ ସେ ଖୁବ ଭଲ ଫୁଟବଲ ଖେଳୁଥିଲେ ତେଣୁ ତାଙ୍କୁ କଲେଜର ସବୁ ଛାତ୍ର ପ୍ରାୟ ଚିହ୍ନିଥିଲେ। ଫଂତୁରାନନ୍ଦଙ୍କ ସହିତ ସେଇ ମେଡ଼ିକାଲ ପଢ଼ା ଦିନରୁ ବନ୍ଧୁତା। ଫଂତୁରାନନ୍ଦଙ୍କ ମେଡ଼ିକାଲ ପଢ଼ା ସରୁନଥାଏ ତାଙ୍କ ସାଙ୍ଗମାନେ ଡାକ୍ତରୀ ପାଶ କରି ସରକାରୀ ଚାକିରି କରୁଥାନ୍ତି। ଡାକ୍ତର ପୁଲିନ ବିହାରୀ ରାୟ ମଧ ଡାକ୍ତରୀ ପାଶ କରି କେଉଁ ମଫସଲ ଡାକ୍ତରଖାନାରେ ଚାକିରି କଲେ। ଫଂତୁରାନନ୍ଦଙ୍କ ସହିତ ତାଙ୍କର ଦୀର୍ଘ ଜୀବନ ଧରି ଦେଖା ସାକ୍ଷାତ ହୋଇ ପାରିଲା ନାହିଁ। ମଝିରେ ମଝିରେ ଗୋଟିଏ ହାସ୍ୟରସାତ୍ମକ ଗଳ୍ପ କିମ୍ବା କବିତା ଡଗରକୁ ପଠାନ୍ତି। ତାହା ଡଗରରେ ପ୍ରକାଶ ପାଏ ସେ କିନ୍ତୁ ବ୍ୟକ୍ତିଗତ ଭାବେ ଆସି ପାରନ୍ତି ନାହିଁ। ଅନେକ ବର୍ଷ ପରେ ଚାକିରୀରୁ ଅବସର ଗ୍ରହଣ କରି ସେ ଆସି କଟକରେ ରହିଲେ। ବକ୍ସି ବଜାର ବଢ଼େଇ ସାହିରେ ତାଙ୍କର ଭଡ଼ାଘର। ସେଇଠୁ ଦିନେ ସେ ଗୋଟିଏ ରିକ୍ସା କରି ଡଗର ପ୍ରେସ୍ ଖୋଜି ପିଠାପୁର ଠାରେ ଆସି ପହଞ୍ଚିଲେ। ସେତେବେଳେ ସମୟ ଅପରାହ୍ନ ପାଞ୍ଚଟା ହେବ। ଛାଇ ଲେଉଟାଣି ବେଳ। ମୁଁ ଅଫିସ ଘରେ ହାତ ନଥିବା ଗୋଟିଏ ଚେୟାରରେ ବସିଥାଏ। ପୁଲିନବାବୁ ରିକ୍ସାରୁ ଓହ୍ଲେଇ ପ୍ରେସ ପିଣ୍ଡା ଉପରକୁ ଉଠିଲେ ଏବଂ ପଚାରିଲେ ଏଇଟା ଡଗର ପ୍ରେସ ତ ? ମୁଁ ସଂକ୍ଷିପ୍ତ ଉତ୍ତର ଦେଲି ହଁ। ରାମବାବୁ ଅଛନ୍ତି ? ଆଜ୍ଞା ଅଛନ୍ତି। ଆଲମାରୀ ପଛପଟରେ ବସିଥିବା ଫଂତୁରାନନ୍ଦ ମତେ ପଚାରିଲେ କିଏ କି ? ମୁଁ କହିଲି ମୁଁ ଚିହ୍ନି ନାହିଁ। କେବେତ ଆଗରୁ ଦେଖି ନାହିଁ। ପୁଲିନ ବାବୁ ଅଫିସ ଭିତରକୁ ପଶୁ ପଶୁ କହିଲେ ମୁଁ ପୁଲିନ। ପୁଲିନ ବିହାରୀ ରାୟ। ହଠାତ ଫଂତୁରାନନ୍ଦ ତାଙ୍କ ବସିବା ସ୍ଥାନରୁ ଉଠି ଆସିଲେ ପୁଲିନ ପୁଲିନ ବୋଲି କହି କୁଣ୍ଢାଇ ପକାଇଲେ। ପୁଲିନବାବୁ ଆଖିରୁ ଦୁଇଟୋପା ଆନନ୍ଦ ଅଶ୍ରୁ ଝରି ପଡ଼ିଲା। ପ୍ରାୟ ପଚିଶ ତିରିଶ ବର୍ଷ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ। ସେ ମିଳନ ଏତେ ଆନନ୍ଦ ଦାୟକ ତାହା ଭାଷାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେଦିନ ଦୁଇବନ୍ଧୁ ବହୁତ ସମୟ ଧରି ଖୁସି ଆଳାପ କଲେ ହସା ହସି ଅତୀତର ମଧୁର ସ୍ମୃତିକୁ ରୋମନ୍ଥନ କଲେ ସତେ ଯେପରି ମେଡ଼ିକାଲର ଦୁଇଟି ତରୁଣ ଛାତ୍ର ଆନନ୍ଦବିଭୋର ହୋଇ ଆଳାପ କରୁଛନ୍ତି। ଏହି ସାକ୍ଷାତପରେ ପୁଲିନ ବାବୁ ମଝିରେ ମଝିରେ ଡଗରକୁ ଆସି ଫଂତୁରାନନ୍ଦଙ୍କୁ ସାକ୍ଷାତ କରୁଥିଲେ। ହଠାତ୍ ତାଙ୍କର ଆସିବା ବନ୍ଦ ହୋଇଗଲା ଖବର ବି କିଛି ମିଳିଲା ନାହିଁ। ସେତେବେଳେ ଡଗର ପ୍ରେସରେ ଫୋନ ବି ନଥାଏ କାହା ସହିତ କଥାବାର୍ତ୍ତା କରିବା ପାଇଁ। ଦିନେ ତାଙ୍କର ପୁଅ ଡାକ୍ତର ଫାଲଗୁନି ରାୟ ଡଗରକୁ ଆସି ଫଂତୁରାନନ୍ଦଙ୍କୁ ଖବର ଦେଲେ ଯେ ବାପାଙ୍କ ଦେହ ଭାରି ଅସୁସ୍ଥ। ଆପଣଙ୍କୁ ଦେଖିବା ପାଇଁ ଖୋଜୁଛନ୍ତି। ଏହି ଖବର ଶୁଣିବାପରେ ଫଂତୁରାନନ୍ଦଙ୍କ ମୁହଁ ବିଷର୍ଣ୍ଣ ହୋଇଗଲା। ପରଦିନ ଉପର ଓଳି ମତେ କହିଲେ ଗୋଟିଏ ରିକ୍ସା ଡାକ ପୁଲିନକୁ ଦେଖିବାକୁ ଯିବା। ମୁଁ ଗୋଟିଏ ରିକ୍ସା ଡାକି ଆଣିଲି ସାଙ୍ଗ ହୋଇ ବକ୍ସି ବଜାର ବଢ଼େଇ ସାହି ଗଲୁ। ପୁଲିନ ବାବୁଙ୍କ ଭଡ଼ାଘର ଭିତରକୁ ପ୍ରବେଶ କଲୁ। ସେତିକିବେଳେ ପୁଲିନବାବୁ ରୋଗଶଯ୍ୟାରେ ନିସ୍ତେଜ ହୋଇପଡ଼ିଥାନ୍ତି। ତାଙ୍କ ଉପରେ ଧଳା ଚାଦରଟିଏ ଘୋଡେଇ ଦିଆଯାଇଥାଏ। କାନ୍ଥ କଡ଼କୁ ଗୋଟିଏ ଲମ୍ବା ବେଞ୍ଚ ପଡ଼ିଥାଏ ମୁଁ ସେଇଠି ବସିଲି। ଫଂତୁରାନନ୍ଦ ତାଙ୍କ ପାଦପାଖରେ ଥିବା ଗୋଟିଏ ଚେୟାର ଉପରେ ଯାଇ ବସିଲେ। ତାଙ୍କ ପୁଅ ବାପାଙ୍କୁ ଯେତେ ଡାକିଲେ ତାଙ୍କର କୌଣସି ଉତ୍ତର ମିଳିଲା ନାହିଁ। ଛାତି ଉପରେ ଘୋଡ଼ା ହୋଇଥିବା ଧଳା ଚାଦରଟି ଖାଲି ଉଠୁଥାଏ ପଡୁଥାଏ। ନିଃଶ୍ୱାସ ଘନ ଘନ ଯାଉଥାଏ। ତାଙ୍କ ପୁଅ କହିଲେ ମଉସା ଆପଣ ଡାକନ୍ତୁ କାଳେ ଆପଣଙ୍କ ପାଟି ବାରି ପାରିବେ। ଫଂତୁରାନନ୍ଦ ଧୀର କଣ୍ଠରେ ଡାକିଲେ ପୁଲିନ.....ପୁଲିନ ଏଇ ଦେଖ ମୁଁ ରାମ ଆସିଛି। ଅଣ୍ଡାଳି ଅଣ୍ଡାଳି ତାଙ୍କ ଶରୀର ଉପରେ ହାତ ପକାଇଲେ। ସେ ଡାକରେ କି ଅମୃତ ସ୍ପର୍ଶ ଥିଲା କେଜାଣି ପୁଲିନ ବାବୁଙ୍କ ନିଷ୍ପ୍ରଭ ଆଖି ଦୁଇଟି ମୁହୂର୍ତ୍ତକ ପାଇଁ ଖୋଲିଗଲା। ଫଂତୁରାନନ୍ଦଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହିବାକୁ ଲାଗିଲା। କଣ୍ଠ ବାଷ୍ପରୁଦ୍ଧି ହୋଇଗଲା ପୁଲିବ ବୋଲି ଆଉ ଡାକି ପାରିଲେ ନାହିଁ। ମୁଁ ସେତେବେଳେ ଲକ୍ଷ୍ୟ କରୁଥିଲି ଦୁଇଜଣଙ୍କ ବନ୍ଧୁତ୍ୱର ନିବିଡ଼ତା ଆହା କି ହୃଦୟ ବିଦାରକ ସେହି ଦୃଶ୍ୟ। ମୋ ଆଖିରୁ ମଧ ଲୁହ ଝରି ପଡ଼ିଲା। ସେଠାରୁ ଉଠି ମୁଁ ବାହାରକୁ ଚାଲି ଆସିଲି।

ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ-୯, ଦୂରଭାଷ : ୯୨୩୮୬୩୨୭୫୦

## ପ୍ରକୃତିର ଆହ୍ୱାନ

॥ ଶୁଭସ୍ମିତା ସାମଲ ॥

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ କମ୍ କରିଛି । ବୈଜ୍ଞାନିକମାନେ ମଧ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜସ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧାନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

## ସବୁଜ ସୁନ୍ଦର ଏଇ ଆମ ଘର

॥ ଶେଖ ଫରିଦଉଦ୍ଦିନ ॥

କୃତିର ସବୁଜିମା ଓ ଫୁଲର ସମ୍ଭାର ସମସ୍ତଙ୍କୁ ଆକର୍ଷିତ କରିଥାଏ । କାରଣ ଫୁଲ କେବଳ ଆମ ଘରକୁ ନୁହେଁ ଆମ ଜୀବନରେ ବି ରଙ୍ଗ ଭରିଦିଏ । ପ୍ରବଳ ଖରାରେ ବାହାରକୁ ଚାହିଁ ନ ହେବା ବେଳେ ସବୁଜିମାରେ ସଜା ଯାଇଥିବା ଘରକୁ ଦେଖିଲେ ଆଖିକୁ ଶାନ୍ତି ଓ ହୃଦୟକୁ ଶୀତଳତା ଅନୁଭବ ହୁଏ । ତେଣୁ ଏହି ଖରାଦିନରେ ଘରକୁ ସବୁଜ ସୁନ୍ଦର କରି ରଖିଲେ ନିଜକୁ ଏହା ଶାନ୍ତି ପ୍ରଦାନ କରିଥାଏ । ଏଥିପାଇଁ ବୋଧେ ବହୁ ଲୋକ ନିଜ ଛାତ ଓ ବାଲକୋନୀମାନଙ୍କରେ ସୁନ୍ଦର ସୁନ୍ଦର ଫୁଲ ଓ କ୍ରୋଟେନ ଗଛ ସବୁ ସଜାଇ ରଖିଥାନ୍ତି । ଆଉ ଆପଣ ଚାହିଁଲେ ବି ଆରାମରେ ଘରକୁ ସବୁଜ ସୁନ୍ଦର କରିପାରିବେ । ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରଥମ ଆବଶ୍ୟକତା ହେଉଛି ମାଟି । ସେଥିପାଇଁ ସଢ଼ାପତ୍ରର ଖତ ଓ ମାଟି ମିଶାଇ ରଖିବା ଉଚିତ । ମଞ୍ଜିରୁ ଗଛଗୁଡ଼ିକ ଅଙ୍କୁରୋଦଗମ ହେବା ପରେ ଓ ଏହି ଗଛ ୧୦ ସେଣ୍ଟିମିଟର ହୋଇଗଲେ ଏହାକୁ କୁଣ୍ଡକୁ ନେଇ ଆସିବା ଭଲ । କୁଣ୍ଡ ତଳେ ପାଣି ନିଷ୍କାସନ ହେବା ପାଇଁ ଛୋଟିଆ ଛିଦ୍ର ରଖିବେ । ଧ୍ୟାନ ରଖନ୍ତୁ ଛିଦ୍ରଗୁଡ଼ିକ ଯେପରି ବେଶି ବଡ଼ ନ ହୁଏ । ଗଛ ପାଇଁ ସଠିକ କୁଣ୍ଡ ବାଛିବା ନିହାତି ଜରୁରୀ । ସେଥିପାଇଁ ସୁବିଧା ଦୃଷ୍ଟିରୁ କୁଣ୍ଡ ଗୁଡ଼ିକ ବେଶି ଓଜନିଆ ଓ ବେଶି ବଡ଼ ନ ହେବା ଭଲ । କାରଣ ବଡ଼ ହେଲେ ଏହା ଘରର ବହୁତ ଜାଗା ଅକ୍ତିଆର କରି ରଖିବ । ଓଜନଦାର ହେଲେ ଏହାକୁ ବାଲକୋନୀର କୌଣସି ଜାଗାରେ ଝୁଲାଇ ରଖିବାକୁ ଚାହିଁଲେ ରଖି ହେବ ନାହିଁ । ସେରାମିକ କୁଣ୍ଡ ସାଧାରଣତଃ ସୁନ୍ଦର ଓ କମ ଓଜନିଆ ହୋଇଥାଏ । ଝୁଲା ବାସ୍କେଟ ବିଶେଷ କରି ଘରମାନଙ୍କରେ ବ୍ୟବହାର ଉପଯୋଗୀ ହୋଇଥିବା କାରଣରୁ ଏହାକୁ ବ୍ୟବହାର କରିବା ଭଲ । କେତେକ ଏପରି ଫୁଲଗଛ ଦେଖିଲେ ମନରେ ଶାନ୍ତଭାବ ଜାଗ୍ରତ ହୋଇଥାଏ । ସେଗୁଡ଼ିକ ଭିତରେ ରହିଛି ସେଲୋସିଆ, ଜିନିଆ, ଲିଲି, ସୂର୍ଯ୍ୟମୁଖୀ, ଗେଣ୍ଡୁ ଫୁଲ ଭଳି ଫୁଲ । ଏହି ଫୁଲଗୁଡ଼ିକୁ ଆପଣ ବାଲକୋନୀ ଓ ଲନ ଭିତରେ ଲଗାଇ ପାରିବେ । ଏହିପରି ବହୁ ନାଲି, ନାରଙ୍ଗୀ, ଧଳା, ଗୋଲାପୀ ଫୁଲକୁ ଆପଣ ଘର ଭିତରେ ଓ ବାହାର ବାଲକୋନୀ ବା ଲନରେ ଲଗାଇ ପାରନ୍ତି । ଘରେ ଲଗାଇବା ପାଇଁ ଇନଡ଼ୋର ପ୍ଲାଣ୍ଟ ବି ଆଜିକାଲି ବହୁ ପ୍ରକାରର ଉପଲବ୍ଧ ହେଲାଣି । ପାମ, ବୋନସାଇ, ମନିପ୍ଲାଣ୍ଟ, କାକ୍‌ଟସ୍ ଭଳି ବହୁ ଇଣ୍ଡୋର ପ୍ଲାଣ୍ଟ ମିଳୁଛି । ପାଣି ଓ ଖରା ଦେଇ କିଛି ସମୟ ବାହାରେ ରଖିବା ପରେ ଏହା ଘରେ ରଖିବାର ଉପଯୋଗୀ ହୋଇପାରୁଛି ।

ଆଜିକାଲି ଫୁଲକୁ ବ୍ୟବସ୍ଥିତ ଢଙ୍ଗରେ ସଜାଇବା ଏକ ଆର୍ଟ ହୋଇ ଯାଇଛି । ଏଥିରେ ଫୁଲର ଆକାର ରଙ୍ଗ ଓ ଏହାର ସ୍ୱାଭାବିକ ରଙ୍ଗକୁ ତାଜା ରଖିବାର ମହତ୍ତ୍ୱ ଦିଆଯାଇଥାଏ । ସ୍ଥାୟୀ ସାଜସଜ୍ଜା ପାଇଁ ଏଥି ସହ କଳାତ୍ମକ ଶୁଖିଲା ପତ୍ର ଓ କାଗଜକୁ ନେଇ ସୁନ୍ଦର ଆକାର ଦିଆଯାଇପାରେ । ପତ୍ରର ଦୁଇଚାରୋଟି ଡ଼ାଳ ଅଫିସର କ୍ୟାବିନକୁ କାମ କରିବାର ଖୋରାକ ଯୋଗାଇପାରେ । ଡିନର ଟେବୁଲ ଉପରେ ଗୋଲାପ ଫୁଲରୁ କିଛି ରଖିଲେ ଏହା ଖାଇବାର ମଜା ଦୁଇଗୁଣା କରି ଦିଏ । ବେଡରୁମରେ ତ ଏହାର ସୁଗନ୍ଧ ମନକୁ ଅଧିକ ରୋମାଣ୍ଟିକ କରିଦିଏ । ଗ୍ଲାଡ଼ିଏଲା, ରଜନୀଗନ୍ଧା, ଟ୍ୟୁଲିପ, ଲିଲି, ଗୋଲାପ ଆଦି ଫୁଲ ଘର ଭିତରେ ସଜାଇବା ପାଇଁ ଠିକ ହୋଇଥାଏ । ଅପ୍ରାକୃତିକ ଓ ଶୁଖିଲା ଫୁଲ ସହ ତାଜା ପ୍ରାକୃତିକ ଫୁଲକୁ ମିଶାଇ ସଜାଇଲେ ତାହା ଆକର୍ଷଣୀୟ ହୋଇଥାଏ । କାନ୍ଥରେ ଥିବା ବଡ଼ ଚିତ୍ର ତଳେ ଏକ ବଡ଼ କୁଣ୍ଡ ରଖି ସେଥିରେ ଫୁଲ ସଜାଇଲେ ଭଲ ଦେଖାଯାଏ । ଡାଇନିଂ ଓ ଘର ମଝିରେ ଥିବା ଟେବୁଲ ଉପରେ ଫୁଲତୋଡ଼ା ଆକୃତିର ବି ସଜା ଯାଇପାରେ । ଖରାଦିନରେ ଫୁଲକୁ ସତେଜ ରଖିବା ପାଇଁ ଏଥିରେ ପାଣି ଛିଞ୍ଚିବା ଜରୁରୀ । ଏହି ପାଣିରେ ଲେମ୍ବୁରସ ମିଶାଇଲେ ଏହା ଆହୁରି ଲାଭଦାୟୀ ହୋଇଥାଏ । କିମ୍ବା ଏକ ପାତ୍ରରେ ଏହାକୁ ଅଧା ବୁଡ଼ାଇ ରଖାଯାଇପାରେ । ଶିତଳତା ଅନୁଭବ ପାଇଁ ଘର ଭିତରେ ବିଭିନ୍ନ ଗଛ ବି ଦରକାର ହୋଇଥାଏ । କୁଣ୍ଡରେ ରଖିଥବା ଗଛର ଅଧିକ ଯତ୍ନ ଆବଶ୍ୟକ ହୋଇଥାଏ । ଏହାକୁ ସମୟ ସମୟରେ ସଫା କରିବା ଓ ପାଣି, ଖରା ଦେବା ଆବଶ୍ୟକ । ଲମ୍ବା ଗଛଗୁଡ଼ିକୁ ସାହାରା ଦରକାର ହୋଇଥାଏ ନଚେତ ଏହା ବପନରେ ନଇଁପଡ଼େ । ଧ୍ୟାନ ରଖିବା ଜରୁରୀ ଯେ କୁଣ୍ଡଗୁଡ଼ିକ ଉପରେ ଯେପରି ସୂର୍ଯ୍ୟ କିରଣ ସିଧା ନ ପଡ଼ି ବରଂ ଆଲୋକ ଓ ପବନ ଉଚିତ ମାତ୍ରାରେ ମିଳିବା ଉଚିତ । ଇଣ୍ଡୋର ପ୍ଲାଣ୍ଟ ଗୁଡ଼ିକ ଅଧିକ ଥଣ୍ଡା ଓ ଛାଇ କାରଣରୁ ପୋକ ଲାଗିବା ଦେଖାଯାଏ । ତେଣୁ ଏହାର ଯତ୍ନ ନେବା ଜରୁରୀ । ପାମ ଗଛକୁ ବାରମ୍ବାର କୁଣ୍ଡ ପରିବର୍ତ୍ତନ କରି ଲଗାଇବା ଆବଶ୍ୟକ । କାରଣ ଏହି ଗଛ ଯେତେ ବଡ଼ ହୁଏ ଏହାର ଚେର ମଜଭୁତ ଓ ଏହି ଚେରରୁ ଅଧିକ ଗଛ ସୃଷ୍ଟି ହୁଏ । ତେଣୁ ଏହି ଗଛକୁ ବାରମ୍ବାର ପରିବର୍ତ୍ତନ ଜରୁରୀ । ଘରକୁ ଯଦି ଫୁଲ ଓ ଗଛ ସାହାଯ୍ୟରେ ଭଲଭାବେ ସଜାଇ ଦିଅନ୍ତି ତେବେ ଘର ଭିତରେ ଶାନ୍ତି ଅନୁଭବ କରିପାରିବେ ।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮




# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ସିଏମ-ଅଣ୍ଡର ୧୫ ଇଣ୍ଟର କ୍ଲବ ଜିଲ୍ଲା ସ୍ତରୀୟ ଫୁଟବଲ୍ ଚ୍ୟାମ୍ପିଅନସିପ୍ ୨୦୨୫

ସମ୍ବଲପୁର, (ମହାଭାରତ)୨୦ ଜାନୁଆରୀ ୨୦୨୫: ସିଏମ-ଅଣ୍ଡର ୧୫ ଇଣ୍ଟର କ୍ଲବ ଜିଲ୍ଲା ସ୍ତରୀୟ ଫୁଟବଲ୍ ଚ୍ୟାମ୍ପିଅନସିପ୍ ୨୦୨୫ ର ପଞ୍ଚମ ଦିନରେ ରେଲ୍ ଷ୍ଟାଡିୟମରେ ଦୁଇଟି ଉତ୍ସାହଜନକ ମ୍ୟାଚ୍ ହେଲା। ଏହାରେ ଅଂଶଗ୍ରହୀ ଦଳଗୁଡ଼ିକ ଜନସାଧାରଣଙ୍କୁ ଦର୍ଶାଇଲେ ଦାମ୍ୟା ପ୍ରଦର୍ଶନ। ଏହି ଅବସରରେ ବିଶେଷ ଅତିଥି ପ୍ରବୀଣ କୁମାର ସିଂହ ଦେଓ ଏବଂ ସୁଧୀର ରଞ୍ଜନ ବୋହିଦାର ଉପସ୍ଥିତ ଥିଲେ, ଯିଏ ଯୁବ ଖେଳାଳିମାନଙ୍କୁ ତାଙ୍କର କ୍ରୀଡ଼ା ଜୋଷ ଏବଂ ଦୃଢ଼ତା ପାଇଁ ପ୍ରଶଂସା କଲେ।ମ୍ୟାଚ୍ ୧: ହୀରାକୁଦ୍ ଆଥଲେଟିକ୍ ଅସୋସିଏସନ୍ ନାଇଁ ସିଏସବି ଜିଲ୍ଲା ସ୍କୁଲ୍ ଦିନର ପ୍ରଥମ ଖେଳରେ, ସିଏସବି ଜିଲ୍ଲା ସ୍କୁଲ୍ ତାଙ୍କର ଶ୍ରେଷ୍ଠ ଫର୍ମ ଜାରି ରଖି ହୀରାକୁଦ୍ ଆଥଲେଟିକ୍ ଅସୋସିଏସନ୍ ଉପରେ ଜଣେ ଦମଦାର ଜୟ ହାସଲ କଲା। ସିଏସବି ଜିଲ୍ଲା ସ୍କୁଲ୍ ମୋଟ ୪ ଗୋଲ୍ ସ୍କୋର କରିଲେ, ଯେଉଁଥିରେ ସେମାନଙ୍କର ଦଳୀୟ କାର୍ଯ୍ୟ ଏବଂ ଆକ୍ରମଣାତ୍ମକ କୌଶଳ ପ୍ରଶଂସାସ୍ପଦ ଥିଲା। ଏହା ସହିତ, ସେମାନଙ୍କର ମଜବୁତ ରକ୍ଷାରେ ହୀରାକୁଦ୍ ଆଥଲେଟିକ୍ ଅସୋସିଏସନ୍ ର ଯେକୌଣସି ଆକ୍ରମଣ ବିଫଳ ହେଲା। ଏହି ଜୟ ସିଏସବି ଜିଲ୍ଲା ସ୍କୁଲକୁ ଟୁର୍ନାମେଣ୍ଟରେ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦୀ ଭାବରେ ସ୍ଥାପିତ କରିଲା।ମ୍ୟାଚ୍ ୨: ଏମସିସି କ୍ଲବ୍ ନାଇଁ ଇଷ୍ଟ କୋଷ୍ଟ ରେଲୱେ କ୍ଲବ୍ ଦ୍ୱିତୀୟ ମ୍ୟାଚ୍ଟି ଏମସିସି କ୍ଲବ୍ ଏବଂ ଇଷ୍ଟ କୋଷ୍ଟ ରେଲୱେ କ୍ଲବ୍ ମଧ୍ୟରେ ଉ□ଜନାପୂର୍ଣ୍ଣ ଲଢେଇ ଦେଖାଇଲା। ଏମସିସି କ୍ଲବ୍ ୨ ଟି ଗୋଲ୍ ସ୍କୋର କରି ଖେଳରେ ଜୟ ସାଧନ କଲେ। ଉଭୟ ଦଳ ଶ୍ରେଷ୍ଠ କୌଶଳ ଦେଖାଇଲେ, କିନ୍ତୁ ଏମସିସି କ୍ଲବ୍ର ଅବସର ସଫଳତାର ସହିତ ବ୍ୟବହାର କରିବା ମନଭାବ ସେମାନଙ୍କୁ ଜୟ ଦେଲା। ସେମାନଙ୍କ ଠିକ୍ଠାକ ରକ୍ଷାରେ ଖେଳର ଅନ୍ତ ପର୍ଯ୍ୟନ୍ତ ସେମାନଙ୍କର ଆଗରୁ ଗୋଲ୍ ହୋଇନଥିଲା। ଏହି ଦୁଇ ମ୍ୟାଚ୍ର ଭିତ୍ତ ସ୍ୱାଦ ଦର୍ଶକମାନଙ୍କୁ ଆନନ୍ଦ ଦେଇଲା। ଟୁର୍ନାମେଣ୍ଟ ଏଗିଅସୁଥିବା ସହିତ, ଦଳଗୁଡ଼ିକ ଶୀର୍ଷ ସ୍ଥାନ ହାସଲ ପାଇଁ ମୁଖାମୁଖି ହେଉଛନ୍ତି, ଯାହା ଏହାକୁ ଅଧିକ ରୋମା□କ କରୁଛି।

## ଭୀମକୁଣ୍ଡ ସ୍ୱତୀଘାଟରେ ଦାମୋଦର ମେଳାରେ ୧୭୩୨ ଗୋଟି ଅସ୍ଥି ବିସର୍ଜନ



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ପବିତ୍ର ବୈତରଣୀ ନଦୀର ସଙ୍ଗମ ସ୍ଥଳର ସ୍ୱତୀଘାଟରେ ୨୦ ତାରିଖ ଦିନ ସାନ୍ତାଳ ସମ୍ପ୍ରଦାୟର (ଦାମୋଦର ମେଳା) ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛ।ଚଳିତ ବର୍ଷ ୧୭୩୨ ଗୋଟି ଅସ୍ଥି ବିସର୍ଜନ ହୋଇଯାଇଛି । ଅସ୍ଥି ବିସର୍ଜନ ମେଳାକୁ ମୟୂରଭଞ୍ଜ , କେନ୍ଦୁଝର , ସୁନ୍ଦରଗଡ, ବାଲେଶ୍ୱର, ଭଦ୍ରକ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ବେଙ୍ଗଲ ରୁ ଆସି ଠାକୁରମୁଣ୍ଡା। ଭୀମକୁଣ୍ଡ ସ୍ୱତିଘାଟରେ ଅସ୍ଥି ବିସର୍ଜନ କରି ଥିଲେ।ମେଳାରେ ପ୍ରାୟ ଲକ୍ଷାଧିକ ଶ୍ରଧାଳୁ ଙ୍କ ସମାଗମ ଦେଖିବା ମିଳିଥିଲା। ପ୍ରକାଶ ଯେ ସାନ୍ତାଳ ସମ୍ପ୍ରଦାୟର ର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡ ଦାନ ଓ ଶ୍ରାଦ୍ଧ କର୍ମ କୁ ଦାମୋଦର ଯାତ୍ରା କହିଥାନ୍ତି।ପରିବାରରେ ମୃତ ବ୍ୟକ୍ତିଙ୍କ ସଂସ୍କାର ପରେ ତାଙ୍କର ଅସ୍ଥି କୁ ଏକ ଗଛ ମୂଳରେ ମାଟି ତଳେ ପୋତି ରଖିଥାନ୍ତି। ଅସ୍ଥି ବିସର୍ଜନ ର ପୂର୍ବ ଦିନରୁ ପୋତି ରଖିଥିବା ଅସ୍ଥି କୁ ପରିବାର ସଦସ୍ୟ ମାନଙ୍କ ଦ୍ୱାରା ବାହାର କରାଯାଇ ଅସ୍ଥି ବିସର୍ଜନ ଦିନ ଅସ୍ଥି କୁ ଏକ ହଳଦୀ ବଳା କନାରେ ଗୋଡ଼ାଇ ପରିବାରର ଜଣେ ସଦସ୍ୟ ଙ୍କ ବେକରେ କିମ୍ବା ଅଣ୍ଟା ରେ ବାନ୍ଧି ପରିବାର ସହ ଅସ୍ଥି ବିସର୍ଜନ କରିବାକୁ ଆସିଥାନ୍ତି। ଆସିବା ବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ଅସ୍ଥି ବିସର୍ଜନ ସ୍ଥଳୀ ପହଂଚି ବୈତରଣୀ ନଦୀର କୂଳ ରେ ଥିବା ବାଲି ରେ ମଣ୍ଡପ କରି ବିଧି ଅନୁଯାଇ ପୂଜା କରିବା ପରେ ନଦୀ ପାଣି ରେ ଅସ୍ଥି କୁ ବିସର୍ଜନ ଦେଇଥାନ୍ତି।ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିର କୁ ଯାଇ ପୂଜା କରିଥାନ୍ତି।ସ୍ୱତୀ ଘାଟରେ ଅସ୍ଥି ବିସର୍ଜନ କରିବାକୁ ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲ୍ଲା ତଥା ପୋଡଶୀ ରାଜ୍ୟ ଝାଡ଼ଖଣ୍ଡ ସମେତ ବିଭିନ୍ନ ସ୍ଥାନରୁ ସାନ୍ତାଳ ସମ୍ପ୍ରଦାୟର ଲୋକେ ଆସି ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।ଚଳିତ ବର୍ଷ ସ୍ୱତୀ ଘାଟରେ ୧୭୩୨ ରୁ ଉର୍ଦ୍ଧ୍ୱ ଅସ୍ଥି ବିସର୍ଜନ ହୋଇଥିବା ନେଇ ଦାମୋଦର ମେଳା ଆୟୋଜନ କରୁଥିବା ମାରାଂ ବୁରୁ କମିଟି ପକ୍ଷରୁ ଜଣାଯାଇଛି।ମେଳକୁ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହଇବୁରୁ , ଠାକୁରମୁଣ୍ଡା ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଓ ପୂର୍ବତନ ଠାକୁରମୁଣ୍ଡା ବ୍ଲକ ଅଧକ୍ଷ ଯବାମଣି ଟୁଡୁ ଯୋଗ ଦେଇଥିଲେ। ତେବେ ବିଧାୟକ ବର୍ଷ ହେବ ସ୍ତୀ ଘଟ ର ବିକାଶ ହୋଇନଥିବାରୁ ଆଗାମୀ ଦିନରେ ଭିମକୁଣ୍ଡା ସହିତ ସ୍ତୀ ଘାଟ ର ବିକାଶ ହେବ ବୋଲି କଥା ଦେଇଛନ୍ତି । ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ ସୁଦ୍ଧା ଜ ଡ । ତରଫରୁ ପିଇବା ପାଣି ବେବସ୍ଥା କରାଯାଇନଥିବାରୁ ବିଧାୟକ ଉଦବେଗ ପ୍ରକାଶ କରିଥିଲେ । କମିଟିର ସଭାପତି ଦଶରଥ ସୋରେନ,ସଂମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧକ୍ଷ ଅବିନାଶ ଟୁଡୁ , ବଜ୍ରକିଶୋର ଟୁଡୁ, ବିଜୟ ଟୁଡୁ, ସୋମନାଥ ଟୁଡୁ, ଗଙ୍ଗାଧର ହେମ୍ବ୍ରମ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଅସ୍ଥି ବିସର୍ଜନ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ । ଏ ବର୍ଷ ନୀଳଗିରି ଅଞ୍ଚଳ ର କମିଟି ର ସଦସ୍ୟ ଗୋପାଳ ଚନ୍ଦ୍ର ବେସ୍ରା ଙ୍କ ଅସ୍ଥି ଆସିଥିବାରୁ ତାଙ୍କ ଅସ୍ଥି କୁ ସତନ୍ତ୍ର ଭାବରେ ବିସର୍ଜନ କରାଯାଇଥିଲା।ମେଳା କୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ , ଠାକୁରମୁଣ୍ଡା ଓ ଆଇ ସି ସାବିତ୍ରୀ ଦଳେଇ ଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲେ ,ଅଗ୍ନିଶମ ବିଭାଗ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇ ଶାନ୍ତିଶୃଙ୍ଖଳା ସହିତ ସମାପନ ହୋଇଥିଲା ।

## ଆସିକା ହରିହର ହାଇସ୍କୁଲ ଠାରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ଆସିକା (ମହାଭାରତ): ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଆସିକା ହରିହର ହାଇସ୍କୁଲ ଠାରେ ତିନିଦିନିଆ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଆସିକା ହରିହର ହାଇସ୍କୁଲ ର ପ୍ରଧାନଶିକ୍ଷକ ଅଶୋକ କୁମାର ପାଢ଼ୀ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଆସିକା ବ୍ଲକ ଶିକ୍ଷା ଅଧିକାରୀଣୀ ମୁନ ରାଣୀ ମହାନ୍ତି, ସିଆରସିସି ଶିଶିର କୁମାର ବେହେରା, ପ୍ରଶିକ୍ଷକ ମାମିନି କୁମାରୀ ବିଶ୍ୱାଳ, ଏବଂ ଜାନକୀ ରାଉତ ପ୍ରମୁଖ ଉପସ୍ଥିତ ରହି ଥିଲେ। ଏହି ଆତ୍ମ ସୁରକ୍ଷା ତାଲିମ ଶିବିରରେ ବୁଗୁଡ଼ା,ଆସିକା ,ସୋରଡ଼ା, କବିସୂର୍ଯ୍ୟନଗର, ବେଲଗୁଣ୍ଠା, ବେଗୁନିଆପଡା ବ୍ଲକ ର ପ୍ରାୟ ୫୦ ଜଣ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଆୟୋଜିତ ତିନି ଦିନ ପ୍ରଶିକ୍ଷଣ ଶିବିରରେ ବାଳିକା ମାନେ ଯେକୌଣସି ବିପଦ ସଂକୁଳ ଅବସ୍ଥାରେ ନିଜକୁ ରକ୍ଷା କରିବେ ସେ ଉପରେ ବିଭିନ୍ନ କୌଶଳ ଶିକ୍ଷା ଦାନ ଦିଆଯାଉଥିଲା । ବିପଦ ସମୟରେ ନିଜକୁ ରକ୍ଷା କରିବା ପାଇଁ ବାଳିକା ମାନଙ୍କୁ ସ୍ଲାବ, ପଞ୍ଚ, ହାମରା,ଫିଙ୍ଗର, ପାମ, ଫ୍ରଣ୍ଟ ଲିଙ୍କ, ଗୋଇଙ୍ଗ କକ, ଷ୍ଟାମ୍ପ କିକ, ରୋଲର ପଞ୍ଚ, ଚୁଟି ଧରି ଆକ୍ରମଣ ରୁ ରକ୍ଷା କୌଶଳ, ପଛ ପଟ ରୁ ଆକ୍ରମଣ ହେଲେ ମୁକୁଳିବା କୌଶଳ, ବେକ ଧରି ଆକ୍ରମଣ ହେଲେ ତାକୁ ସାମ୍ନା କରିବା ପଦ୍ଧତି, ଶୋଇଥିବା ସମୟରେ ଆକ୍ରମଣ ହେଲେ ମୁକାବିଲା ର କୌଶଳ, କାନ୍ଧ କୁ ଆଘାତ କରି ଆକ୍ରମଣ କରୁଥିଲେ କିଭଳି ସାମ୍ନା କରାଯିବ ସେଥି ନେଇ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ଅନେକ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଜିଲ୍ଲାପାଳ ଙ୍କ ଅଚାନକ ଠାକୁରମୁଣ୍ଡା ଗସ୍ତ



କରଞ୍ଜିଆ, (ମହାଭାରତ) ମୟୁରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସୟ ସୋମବାର ସନ୍ଧ୍ୟାରେ ଅଚାନକ ଠାକୁରମୁଣ୍ଡା ବ୍ଲକ ଗସ୍ତ ରେ ଆସି ଥିଲେ।ଜିଲ୍ଲାପାଳ ଠାକୁରମୁଣ୍ଡା ଆବାସିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୁ ଯାଇଥିଲେ।ସେଠାରେ ବିଦ୍ୟାଳୟ ଶ୍ରେଣୀ ଗୃହରେ ଅଧ୍ୟୟନରତ ୧୦ମ ଶ୍ରେଣୀ ଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ।ପରେ ଦିଗଧର ମଠ ପରିସର ରେ ଥିବା ଜଗନ୍ନାଥ ମନ୍ଦିର, ଓ ଗ୍ରାମପାୟତ କାର୍ଯ୍ୟାଳୟ ପରିସର ନିର୍ମାଣ ସରିଥିବା ମିନି ବ୍ୟାଙ୍କକୁ ଦେଖିଥିଲେ।ପରେ ଜିଲ୍ଲାପାଳ ବାରିପଦା ଚାଲି ଯାଇଥିଲେ।ଜିଲ୍ଲାପାଳ ଙ୍କ ଗସ୍ତ ସମୟରେ ଠାକୁରମୁଣ୍ଡା ବିଡ଼ିଓ ସପ୍ନେଶ୍ୱର ବେହେରା,ସହକାରୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ ,ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ପ୍ରଥମ ବାର୍ଷିକ ଆଦିବାସି ଫୁଟବଲ୍ କପ୍ ରେ କ. ନୂଆଗାଁ ବ୍ଲକ୍ କୁ ହରାଇ ଫିରିଙ୍ଗିଆ ବ୍ଲକ ବିଜୟୀ



କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା କେରୋନେସନ ଗ୍ରାଉଣ୍ଡ ରେ ଆଜି ପ୍ରଥମ ବାର୍ଷିକ ଆଦିବାସି ଫୁଟବଲ୍ କପ୍ କୁଇ-କ୍ରିଡ଼ା ସଭାପତି ଶ୍ରୀ ସୁଜିତ ମଲ୍ଲିକ ଙ୍କ ନେତୃତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଖେଳ ରେ ବାରଗୋଟି ବ୍ଲକ୍ ରୁ ବାରଟି ଆଦିବାସି ଦଳ ଅଂଶ ଗ୍ରହଣ ଭାଗ କରିଥିଲେ।ପ୍ରତିଯୋଗିତା ଟି ୧୭ ତାରିଖ ରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଦିର୍ଘ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍ ଘାଟନି ଦିବସ ରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାୟକ ଉଦ୍ ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି କନ୍ଧମାଳ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ, ଟିକାବାଲି ବ୍ଲକ୍ ଅଧକ୍ଷ ଶ୍ରୀ ଦିଲୀପ କହଁର , ଆଞ୍ଚଳିକ କୁଇକୂଳ ଉପଶାଖା, ସାରଙ୍ଗଡ ସଭାପତି ଶ୍ରୀ ନିରାକାର ପ୍ରଧାନ,ଫୁଲବାଣୀ ବ୍ଲକ୍ ଅଧକ୍ଷା ଶ୍ରୀମତୀ ସସ୍ମିତା କହଁର ପ୍ରମୁଖ ଯୋଗଦେଇଥିବା ବେଳେ ଉଦ୍ ଜାପାନୀ ଦିବସ ରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଜେପି ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ, ଯୁବପରିଷଦ ସଭାପତି ଶ୍ରୀ ଦେବାଶିଷ କହଁର, ସମ୍ପାଦକ ଶ୍ରୀ ଅଚ୍ୟୁତ ଯାନୀ,ସାଂସ୍କୃତିକ ସମ୍ପାଦକ ଶ୍ରୀ ବିରେନ୍ଦ୍ର କହଁର, ଗୋଛାପଡ଼ା ଶାଖା ଯୁଗ୍ମ ସମ୍ପାଦକ ଶ୍ରୀ ଅର୍ଜୁନ କହଁର, ଉପ ସଭାପତି ଗୋଲକ ବିହାରୀ କହଁର,ଟିଟ୍ରାପଙ୍ଗା ସରପଞ୍ଚ ଶ୍ରୀ ସଂଜିବ ଲୋଚନ ପ୍ରଧାନ , ଗୌତମ ପ୍ରଧାନ,କୁଇ ଭାଷା ସାହିତ୍ୟ ସାଧାରଣ ସଂପାଦକ ଡଃ ନିରୋଦ ଚନ୍ଦ୍ର କହଁର,ପୂର୍ବତନ ଉପାଧକ୍ଷା ସ୍ତନ୍ତ୍ର ଉନ୍ନୟନ ପରିଷଦ ଶ୍ରୀମତି ନଳିନୀ କହଁର, ଶ୍ରୀ ମଙ୍ଗରାଜ ପ୍ରଧାନ କୁଇ ସମାଜ ଯୁବ ପରିଷଦ ସଭାପତି ଦେବାଶିଷ କହଁର ସଭାପତି କୁଇ ଯୁବ ପରିଷଦ କନ୍ଧମାଳ, ଶ୍ରୀ ଅଚ୍ୟୁତ ଯାନୀ ସଧାରଣ ସମ୍ପାଦକ କୁଇ ଯୁବ ପରିଷଦ, ଶ୍ରୀ ଅବନୀ କହଁର ସମ୍ପାଦକ କୁଇ ସମାଜ ପ୍ରମୁଖ ଯୋଗଦେଇଥିଲେ।ଖେଳ ପରିଚାଳନା ନସିବ ପ୍ରଧାନ,ଜଗନ୍ନାଥ କହଁର, ସପ୍ନେଶ୍ୱର କହଁର, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଶ୍ୱନାଥ କହଁର , ଉମେଶ ଚନ୍ଦ୍ର ମାଝୀ କରିଥିଲେ। ଫାଇନାଲ ମ୍ୟାଚ୍ କ. ନୂଆଗାଁ ବ୍ଲକ୍ ଏବଂ ଫିରିଙ୍ଗିଆ ବ୍ଲକ୍ ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଖେଳ ରେ ପେନାଲିଟୀ ଶୋଟ ରେ ବିଜୟୀ ହେଲେ ଫିରିଙ୍ଗିଆ ବ୍ଲକ୍ ଦଳ। ବିଜେତା ଦଳ କୁ ଟ୍ରଫି ସହ ୩୦,୦୦୦ ଟଙ୍କା ଏବଂ ଉପବିଯେତା ଦଳ କୁ ଟ୍ରଫି ସହ ୨୦,୦୦୦ ଟଙ୍କା କମିଟି ତରଫ ରୁ ପ୍ରଦାନ କରାଯାଇଥିଲା। ସେହିଭଳି ଗୋବିନ୍ଦ କହଁର, ତରଣି ସେନ୍ କହଁର, ସମୀର ପ୍ରସାଦ ଝାଙ୍କର, ସମ୍ଭୁ ରଞ୍ଜନ କହଁର, ସଚିନ୍ କହଁର , ବଳରାମ ଦେହୁରୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନ ପ୍ରମୁଖ ସ୍ୱେଚ୍ଛାସେବୀ ଙ୍କୁ ମ□ରେ କମିଟି ତରଫ ରୁ ସମ୍ମାନୀତ କରାଯାଇଥିଲା।

## ଜମିହରା ପ୍ରଜାଙ୍କୁ ଠକୁଛି ଗଏଗ ମିନେରାଲସ୍ କମ୍ପାନୀ,



ନିଯୁକ୍ତି ଦେବା ପରିବର୍ତ୍ତେ ଦେଖାଉଛି ନାଲି ଆଖି ଓ ପୋଲିସର ଧମକ

ଓଡ଼ାପଡ଼ା(ମହାଭାରତ) ଏମ୍ ଜି ଏମ୍ ମିନେରାଲସ୍ କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇ ଅଭିଶପ୍ତ ଜୀବନ ଜିଉଁଛନ୍ତି ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକର ନିମିଧା, ନୟାଭାଗିରଥିପୁର, ଏବଂ ବିଡୋ ପଞ୍ଚାୟତର ଅନେକ ଗ୍ରାମବାସୀ। ୨୦୦୫ ମସିହାରେ ଜମି ଅଧିଗ୍ରହଣ ବେଳେ ଗ୍ରାମବାସୀଙ୍କୁ ମିଠା ମିଠା ପ୍ରତିଶୃତି ଦେଇଥିଲା କମ୍ପାନୀ, ଯାହାକୁ ଭରସା କରି କମ୍ପାନୀ ହାତକୁ ନିଜର ଭିଟା ମାଟି ଟେକି ଦେଇଥିଲେ ଲୋକେ।କିନ୍ତୁ କମ୍ପାନୀ କାରଖାନା କରିବାର ୧୯ ବର୍ଷ ପରେ ମଧ ଏପର୍ଯ୍ୟନ୍ତ ନିଜ ମୌଳିକ ସୁବିଧା ଟିକେ ମଧ ନ ପାଇ ଭାଗ୍ୟକୁ ନିନ୍ଦୁଛନ୍ତି ଗ୍ରାମବାସୀ। ପରିସ୍ଥିତି ଏପରି ହୋଇଛି ଯେ,ଏବେ ବିସ୍ଥାପିତଙ୍କ ଦୁଃଖ ନା ଦେଖୁଛି କମ୍ପାନୀ,ନା ଦେଖୁଛି ପ୍ରଶାସନ। ବିସ୍ଥାପିତଙ୍କ ଆଖିର ଲୁହ ଆଖିରେ ଶୁଖୁଥିବା ବେଳେ ଅନେକ ଥର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେହୁରା ହେଲେ ମଧ ପୋଲିସର ଧମକ ଦେଇ ଏମ୍ ଜି ଏମ୍ ମିନେରାଲସ୍ କମ୍ପାନୀ ନିଜର ମନମାନି କରୁଥିବା ନେଇ ସଙ୍ଗୀନ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ତେବେ ଏମ୍ ଜି ଏମ୍ କମ୍ପାନୀ ପାଇଁ ଅନେକ ଲୋକଙ୍କ ଜମିବାଡ଼ି ଗଲା। ଜମି ଅଧିଗ୍ରହଣ ବେଳେ ଦେଇଥିବା ବିଭିନ୍ନ ପ୍ରତିଶୃତି ସହ ଗ୍ରାମର ବେକାର ଯୁବକ, ଯୁବତୀଙ୍କୁ ଚାକିରୀ ଦେବାକୁ ପ୍ରତିଶୃତି ଦେଇ ଏବେ କମ୍ପାନୀ ଧରା ଛୁଆଁ ଦେଉ ନାହିଁ। ଏହାକୁ ନେଇ ଅଭିଯୋଗ କରିଛନ୍ତି ହଳଦିଆବାହାଳ ଗ୍ରାମବାସୀ।ତେବେ ଯାହାର ଭିଟାମାଟିରେ କମ୍ପାନୀ ତାର ପ୍ରଭାବ ବିସ୍ତାର କଲା ସେହି ମାଟିର ପିଲା ମାନଙ୍କୁ କି ପ୍ରକାରର ନ୍ୟାୟ ମିଳିବ ତାହା ସମୟ କହିବ।

## ଚେଟେନାଡୁ ସିମେଣ୍ଟ କାରଖାନାର ଶୁଭ ଭୂମି ପୂଜନ

ଦାନଗଦି: (ମହାଭାରତ) ଯାଜପୁର ଜିଲ୍ଲା ରେ ଥିବା କଳିଙ୍ଗନଗର ର ଜଖପୁରା ଗ୍ରାମକୁ ଲାଗି ଏକାଧିକ କାରଖାନା ଗଢ଼ିଉଠିଥିବା ବେଳେ ଆଜି ଆଉ ଗୋଟିଏ ସିମେଣ୍ଟ କାରଖାନା ତା'ର ପ୍ରଥମ ମଞ୍ଜି ପୋତି ଥିବା ଦେଖିବାକୁ ମିଳିଛି। ବହୁ ବାଧାବିଘ୍ନ ପରେ ଆଜି ଚେଟେନାଡ ସିମେ□ ତା'ର ଭୂମି ପୂଜନ କରିଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ଜଖପୁରା ଠାରେ ଚେଟେନାଡ ସିମେଣ୍ଟର କିଛି ଅଧିକାରୀ ପହଞ୍ଚି ଯଥା ବିଧି ଅନୁସାରେ ଭୂମିପୂଜା ଆରମ୍ଭ କରିଥିଲେ। ଏହି ପୂଜାରେ ସ୍ଥାନୀୟ ଅଳରେ ଥିବା କିଛି ଲୋକ ଙ୍କ ଉପସ୍ଥିତ ରେ ଭୂମିପୂଜା ହୋଇଥିବା ଦେଖିବାକୁ ମିଳିଛି। ଏହି କାରଖାନା ମୋଟ ୮୩ ଏକର ଜମିରେ ନିଜର କାରଖାନା ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି ୮୩ ଏକର ଜମି ମଧ ରୁ ୨୭ ଏକର ଜମିରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜଙ୍ଗଲ ବା ଗଛ ଲଗାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି କାରଖାନା ମୋଟ ୨୩୧ କୋଟି ଟଙ୍କାର ପ୍ରୋଜେକ୍ଟ ହୋଇଥିବା ବେଳେ ଏହାର ପରିବେଶ ମଞ୍ଜୁରୀ ଜନଶୁଣାଣୀ ଗତ ୨୦୧୯ ମସିହା ମାର୍ଚ୍ଚ ମାସ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା।ଚେଟେନାଡ ସିମେ□ ର କ୍ଷମତା ୨୭୧.୦୦ ଏମ୍ ଟି ପିଏ ବୋଲି ଜଣାପଡିଛି। ଆଜି ର ଭୂମିପୂଜା ଉତ୍ସବରେ ରେ ଚେଟେନାଡ ସିମେଣ୍ଟର ମୁଖ୍ୟ ଅଫିସ ର ଜେନେରାଲ ମ୍ୟାନେଜର କେ.କାର୍ତୀୟାନ, କଳିଙ୍ଗନଗର ଚେଟେନାଡ ସିମେଣ୍ଟ ର ପ୍ରକଳ୍ପ ମୁଖ୍ୟ ଜି.ପ୍ରସାଦ ବାବୁ ଉପସ୍ଥିତ ଥିବା ସହିତ କଳିଙ୍ଗନଗର ତଥା ଜଖପୁରା ଅଞ୍ଚଳ ର ହଳଧର ନାୟକ,ଦିଲ୍ଲିପ କୁମାର ନାଏକ, ରାମଚନ୍ଦ୍ର ଧଳ, ପୁଷ୍ପକାନ୍ତ ନାୟକ, କୁଳମଣି ଧଳ,ଲିଟୁନ ଜେନା, ଓ ମଦନମୋହନ ଜେନା ଙ୍କ ସହିତ ଅନ୍ୟ କାରଖାନା ଅଧିକାରୀ ଙ୍କ ସହିତ ଅନେକ ସଂଖ୍ୟା ରେ ଅଞ୍ଚଳ ବାସୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଏହି କାରଖାନା ରେ ମୋଟ ୧୮୫ ଜଣ କୁଶଳୀ, ଅଣକୁଶଳୀ ଓ ଅଫିସର ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ସୂଚନା ମିଳିଛି।ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି କାରଖାନା କୁ ଆଉ କେତେଦିନ ଲାଗୁଛି ଉତ୍ପାଦନ କରିବା ।

## ସହମତି ଅଭାବରୁ ହୋଇ ପାରିଲାନି ହିନ୍ଦୋଳ ଏନଏସି ବୈଠକ ବୈଠକ ସପକ୍ଷରେ ୫ ,ବିପକ୍ଷରେ ୧୧ କାଉନସିଲର





ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ପୁଣି ଚର୍ଚ୍ଚାରେ। କେତେବେଳେ କୋଟିକୋଟି ଟଙ୍କାର ଦୁର୍ନୀତିକୁ ନେଇ ତ କେତେବେଳେ କାଉନସିଲର ମାନଙ୍କୁ ଅଣଦେଖାକୁ ଓ ୱାର୍ଡ ଉର୍ନ୍ନୟନ କାର୍ଯ୍ୟରେ ପାତର ଅନ୍ତରକୁ ନେଇତ ଆଉ କେତେବେଳେ ମାସ ମାସ ଧରି ପରିଷଦ ବୈଠକ କରାନଯାଇ ।ତେବେ ଆହୁରି ଦୁଃଖଦାୟକ ହେଲା ଜନସାଧାରଣଙ୍କ ମୌଳିକ ସୁବିଧା ଓ ଉର୍ନ୍ନତିମୂଳକ କାର୍ଯ୍ୟ ଛାଡି ନିଜକୁ ସୁହାଇବା ଭଳି ଓ ଲାଭ ହେଲାଭଳି କାର୍ଯ୍ୟ ହେଉଛି ଏବଂ ସର୍ବୋପରି କାଉନସିଲର ମାନଙ୍କୁ ଅଣଦେଖା କରି ।ତେବେ ଏସବୁ ଅବ୍ୟବସ୍ଥା ପାଇଁ କାଉନସିଲର ମାନେ ବାରମ୍ବାର ଲିଖିତ ଅଭିଯୋଗ କରିଲେ ମଧ ଫଳ ଶୂନ ଏବଂ ସେଥିପାଇଁ ଗତ ୧୩/୧/୨୫ରେ ଉପାଧ୍ୟାକ୍ଷା ପ୍ରତିମା ରାଉତଙ୍କ ନେତୃତ୍ୱରେ ୧୧ଜଣ କାଉନସିଲର ବୈଠକ ପାଇଁ କରିଥିଲେ ଅଭିଯୋଗ। ତଦନୁଯାଇ ଅଧକ୍ଷ କେଶବ ପ୍ରଧାନ ଆଜି ୨୦/୧/୨୫ରେ ଡାକିଥିଲେ ବୈଠକ।ମାତ୍ର ଅସନ୍ତୁଷ୍ଟ କାଉନସିଲର ମାନଙ୍କ ମତ ଅନୁଯାଇ ଏନଏସି କର୍ତୃପକ୍ଷ ସଦାସର୍ବଦା କାଉନସିଲର ମାନଙ୍କୁ ସଦାସର୍ବଦା ଅଣଦେଖାକୁ ନେଇ ୧୧ଜଣ ବିଜେପି ଓ ବିଜେଡି କାଉନସିଲର ଆଜିର ଅଧକ୍ଷଙ୍କ ବୈଠକକୁ କରିଛନ୍ତି ବର୍ଜନ।ତେବେ ଅଧକ୍ଷ କେଶବଙ୍କ ମତାମତ ନେବାରୁ କହିଲେ ନିର୍ବାହୀ ଅଧିକାରୀ ନଥିବାରୁ ବୈଠକ ବାତିଲ କରାଯାଇଛି। ତେବେ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ନିର୍ବାହୀ ଅଧିକାରୀ ନଥିଲେ କାହିଁକି ବୈଠକ ଡକାଗଲା କଣ ବୈଠକକୁ ଏଡାଇବା ପାଇଁ ପୁଣି ପରିଷଦକୁ ଭକୁଆ କରାଯିବା ପାଇଁ କି ?ତେବେ ୱାର୍ଡନଂ ୪ କାଉନସିଲର ରିତାରାଣୀ ବେହେରାଙ୍କ ଅଭିଯୋଗ ହେଲା ଉଦ୍ଦେଶ୍ୟ ମୂଳକ ଭାବରେ ବିଭିନ୍ନ କାର୍ଯ୍ୟର ଫଳକ ଗୁଡିକରେ ରଖା ଯାଉନାହିଁ କାଉନସିଲର ମାନଙ୍କ ନାମ ଯେଉଁଥିପାଇଁ ସେ କରିଛନ୍ତି ଲିଖିତ ଅଭିଯୋଗ। ତେବେ ହିନ୍ଦୋଳ ଏନଏସି ର ଏହି ଅଚଳାବସ୍ଥା ଓ ଟଣାଓଟରା ପାଇଁ, ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ଠିକାଦାରୀ ଉଦ୍ଦେଶ୍ୟ ପାଇଁ,ମନମାନି ପାଇଁ ଏନ ଏ ସି କାର୍ଯ୍ୟରେ ବ୍ୟାଘାତ ହେବା ସହ ଜନସାଧାରଣ ହନ୍ତସନ୍ତ ହେଉଥିବାବେଳେ ସଂଖ୍ୟା ଖେଳକୁ ନେଇ ଆଗକୁ ରାଜନୈତିକ ପାଣିପାଗ ବଦଳି ଯାଇପାରେ କିମ୍ବା ପୁନଃଶ୍ଚ ଅନାସ୍ଥା ଆଡକୁ ଗତି କରିପାରେ ବୋଲି ଏବେଠୁ ବକ୍ଷସିଲାଣି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଭକ୍ତି ସଙ୍ଗୀତ ସଂସଦ ପାରଳାଖେମୁଣ୍ଡି ପରିଚାଳିତ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଟାଉନ ହଲ ଠାରେ ଭକ୍ତି ସଙ୍ଗୀତ ସଂସଦ ପାରଳାଖେମୁଣ୍ଡି ପରିଚାଳିତ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ପାରଳା ପୋର ପରିଷଦ ଅଧକ୍ଷା ନିର୍ମଳା ସେଠୀ, ଅଧାପକ କବି ବିପିନ ନାୟକ,ଇଂ ତୀର୍ଥବାସୀ ପଣ୍ଡା,ପ୍ରଦୀପ ନାୟକ, ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ ମହାରାଜ, ସଭାପତି ବସନ୍ତ ଦାସ ପ୍ରମୁଖ ମଞ୍ଚାସିନ ଥିଲେ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ।

## ନୂତନ ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କୁ ବାଣପୁର କୋର୍ଟରେ ସ୍ୱାଗତ ସମ୍ବର୍ଦ୍ଧନା



ବାଣପୁର :( ମହାଭାରତ )ଆଜି ଖୋର୍ଦ୍ଧା ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜ(ଏଡିଜେ-୧) ରଞ୍ଜୁଲତା ଲେଙ୍କାଙ୍କୁ ବାଣପୁର କୋର୍ଟ ବିଚାରପତି ଦ୍ୱୟ ଏବଂ ବାଣପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା । ବାଣପୁର ସର୍କିଟ କୋର୍ଟ ପରିସରରେ ବିଚାରପତିଙ୍କ କାର୍ଯ୍ୟାଳୟରେ ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ନାତକୀ ଦାସ ନୂତନ ବିଚାରପତିଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହାପରେ ଓକିଲ ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡାଙ୍କ ସମେତ ଏକାଧିକ ଓକିଲମାନେ ନୂତନ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ନୂତନ ବିଚାରପତି ନିକଟରେ ଖୋର୍ଦ୍ଧା ଜିଲ୍ଲାରେ ଯୋଗଦାନ କରିଥିବା ବେଳେ ଆଜି ବାଣପୁର ସର୍କିଟ କୋର୍ଟରେ ତାଙ୍କର ପ୍ରଥମ କାର୍ଯ୍ୟଦିବସ ଥିଲା। ଏହି ଅବସରରେ ବାଣପୁର ବେଞ୍ଚ ଓ ବାର ପକ୍ଷରୁ ନୂତନ ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ମନ କୀ ବାତରେ ସୁଭାଷ ବୋଷଙ୍କ ସ୍ମରଣ କଲେ ମୋଦି

**ନୂଆଦିଲ୍ଲୀ, ୨୦୧(ଏଜେନ୍ସି):** ମନ କୀ ବାତରେ ସୁଭାଷ ଚନ୍ଦ୍ର ବୋଷଙ୍କ କଥା ଉଠାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କୋଲକାତାରେ ଜାନୁଆରୀର ସମୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ତା'ର ଚରମସୀମାରେ ପହଂଚିଛି ଏଣେ ଭାରତରେ ଇଂରେଜମାନଙ୍କ ବିରୁଦ୍ଧରେ କ୍ରୋଧ ମଧ୍ୟ ଶିଖର ଛୁଇଁଛି । ସେହି କାରଣରୁ ସହରର କୋଣ ଅନୁକୋଣରେ ପୋଲିସ ମୁତୟନ କରାଯାଇଛି । କୋଲକାତାର ମଝା-ମଝି ଗୋଟିଏ ଘରର ଚାରିପାଖେ ପୁଲିସ ମୁତୟନ ଅଧିକ କଡ଼ାକଡ଼ି ହୋଇଛି । ଯା'ଭିତରେ ଲମ୍ବା ବ୍ରାଉନ୍ କୋଟ୍, ପ୍ୟାଂଟ ଏବଂ କଳାଟୋପି ପିନ୍ଧିଥିବା ଜଣେ ବ୍ୟକ୍ତି ଗୋଟିଏ ବଙ୍ଗଳାରୁ କାରରେ ବାହାରକୁ ବାହାରୁଛି । ଅନେକଗୁଡ଼ିଏ ମଜଭୁତ୍ ସୁରକ୍ଷାର ବଳୟକୁ ଭେଦକରି ସେ ଗୋମୋ ନାମକ ରେଳଷ୍ଟେସନରେ ପହଂଚିଯାଉଛି । ଏହି ଷ୍ଟେସନଟି ଏବେ ଝାଡ଼ଖଣ୍ଡରେ । ଏଠାରୁ ଗୋଟିଏ ଟ୍ରେନ୍ ଧରି ସେ ଆଗକୁ ବାହାରିଯାଉଛି । ଏହାପରେ ଆଫଗାନିସ୍ଥାନ ହୋଇ ସେ ଯାଇ ୟୁରୋପରେ ପହଂଚିଯାଉଛି ଏବଂ ଏସବୁ କଥା ଇଂରେଜ ଶାସନର ଅଭେଦ୍ୟ ସୁରକ୍ଷାବଳୟ ସତ୍ତ୍ୱେ ସମ୍ଭବ ହେଉଛି । ଏ କାହାଣୀ ଆପଣମାନଙ୍କୁ ଚଳଚ୍ଚିତ୍ରର ଦୃଶ୍ୟ ଭଳି ଲାଗୁଥିବ । ଆପଣଙ୍କୁ ଲାଗୁଥିବ ଯେ ଏତେ ସସାହସ ଦେଖାଉଥିବା ଲୋକଟି କେଉଁ ଦେଶର ମାଟିରେ ଗଢ଼ା ହୋଇଥିବ ! ବାସ୍ତବରେ ଏହି ବ୍ୟକ୍ତି ଜଣକ ଅନ୍ୟ କେହି ନ ଥିଲେ, ଆମ ଦେଶର ମହାନ ବିଭୂତି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ହିଁ ଥିଲେ । ୨୩ ଜାନୁୟାରୀ, ତାଙ୍କର ଜନ୍ମଜୟନ୍ତୀକୁ ଆମେ 'ପରାକ୍ରମ ଦିବସ' ଭାବରେ ପାଳନ କରୁଛନ୍ତି । ତାଙ୍କର ଶୌର୍ଯ୍ୟ ସହିତ ଜଡ଼ିତ ଏହି ଗାଥାରେ ମଧ୍ୟ ଅନେକ ପରାକ୍ରମର ଝଲକ ଦେଖିବାକୁ ମିଳେ । କିଛିବର୍ଷ ପୂର୍ବେ ମୁଁ ତାଙ୍କର ସେହି ଘରକୁ ଯାଇଥିଲି ଯେଉଁଠାରୁ ସେ ଇଂରେଜମାନଙ୍କ ଆଖିରେ ଧୂଳିଦେଇ ଖସିଯାଇଥିଲେ । ତାଙ୍କର ସେହି କାର୍ ଆଜିବି ସେଇଠି ଅଛି । ତାହା ମୋ ପାଇଁ ଏକ ବିଶେଷ ଅନୁଭବ । ସୁବାଷ ବାବୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ସାହସ ତାଙ୍କ ସ୍ୱଭାବର ଅଂଶ ଥିଲା । ଖାଲି ସେତିକି ନୁହେଁ ସେ ଖୁବ୍ କୁଶଳ ପ୍ରଶାସକ ମଧ୍ୟ ଥିଲେ । ମାତ୍ର ୨୭ ବର୍ଷ ବୟସରେ ସେ କୋଲକାତା କର୍ପୋରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହୋଇଥିଲେ ତା'ପରେ ସେ ମେୟରର ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ । ଜଣେ ପ୍ରଶାସକ ଭାବରେ ମଧ୍ୟ ସେ ଅନେକ ବଡ଼ କାମ କରିଯାଇଛନ୍ତି । ପିଲାମାନଙ୍କ ପାଇଁ ସ୍କୁଲ, ଗରିବ ପିଲାମାନଙ୍କ ପାଇଁ ଦୁଗ୍ଧର ବ୍ୟବସ୍ଥା ଏବଂ ସ୍ୱଚ୍ଛତାକୁ ନେଇ ତାଙ୍କର ଅନେକ ପ୍ରୟାସ ଆଜି ବି ଲୋକଙ୍କୁ ମନେପଡେ । ନେତାଜୀ ସୁଭାଷଙ୍କ ରେଡ଼ିଓ ସହିତ ମଧ୍ୟ ବହୁତ ଗଭୀର ସମ୍ପର୍କ ଥିଲା । ସେ ଆଜାଦ ହିନ୍ଦ ରେଡ଼ିଓର ସ୍ଥାପନା କରିଥିଲେ; ଯେଉଁଥିରେ ତାଙ୍କ କଥା ଶୁଣିବାକୁ ଲୋକମାନେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରୁଥିଲେ । ତାଙ୍କ ସମ୍ବୋଧନ ଦ୍ୱାରା ବିଦେଶୀ ଶାସନ ବିରୁଦ୍ଧରେ ସଂଗ୍ରାମକୁ ଏକ ନୂତନ ଶକ୍ତି ମିଳୁଥିଲା । ଆଜାଦ ହିନ୍ଦ୍ ରେଡ଼ିଓରେ ଇଂରାଜୀ, ହିନ୍ଦୀ, ତାମିଲ, ବଙ୍ଗଳା, ମରାଠୀ, ପଞ୍ଜାବୀ, ପସ୍ତୋ ଏବଂ ଉର୍ଦ୍ଦୁରେ ନିଉଜ ବୁଲେଟିନ୍ ସବୁ ପ୍ରସାରଣ କରାଯାଉଥିଲା । ମୁଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ପ୍ରଣାମ ଜଣାଉଛି । ସାରାଦେଶର ଯୁବକମାନଙ୍କୁ ମୋର ପରାମର୍ଶ ଯେ ସେମାନେ ତାଙ୍କ ବିଷୟରେ ଅଧିକରୁ ଅଧିକ ପଢ଼ନ୍ତୁ ଏବଂ ତାଙ୍କ ଜୀବନରୁ ନିରନ୍ତର ପ୍ରେରଣା ନିଅନ୍ତୁ ।

ମନ୍ କୀ ବାତର ୧୧୮ତମ ଏପିସୋଡରେ ନିର୍ବାଚନ ଆୟୋଗଙ୍କୁ ଧନ୍ୟବାଦ ଦେଲେ ପିଏମ ମୋଦି । ପ୍ରଧାନମନ୍ତ୍ରୀ କହିଛନ୍ତି, ସାଧାରଣତନ୍ତ୍ର ଦିବସର ଗୋଟିଏ ଦିନ ପୂର୍ବରୁ ଜାନୁଆରୀ ୨୫ ତାରିଖ ହେଉଛି ଜାତୀୟ ମତଦାତା ଦିବସ । ଏହି ଦିନଟି ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ, ଏହି ଦିନ ଭାରତୀୟ ନିର୍ବାଚନ ଆୟୋଗର ପ୍ରତିଷ୍ଠା ହୋଇଥିଲା ନିର୍ବାଚନ ଆୟୋଗ। ଆମ ସମ୍ବିଧାନ ନିର୍ମାତାଗଣ ସମ୍ବିଧାନରେ ଆମ ନିର୍ବାଚନ ଆୟୋଗକୁ ଏବଂ ଗଣତନ୍ତ୍ରରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବହୁତ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦେଶରେ ଯେତେବେଳେ ୧୯୫୧-୫୨ ମସିହାରେ ପ୍ରଥମ ଥର ପାଇଁ ନିର୍ବାଚନ ହୋଇଥିଲା, ସେତେବେଳେ "ଏ ଦେଶରେ କ'ଣ ଗଣତନ୍ତ୍ର ଜୀବିତ ରହିପାରିବ !" ସେ କଥାକୁ ନେଇ କିଛି ଲୋକଙ୍କ ମନରେ ଆଶଙ୍କା ଥିଲା । କିନ୍ତୁ ଆମ ଗଣତନ୍ତ୍ର ସମସ୍ତ ଆଶଙ୍କାକୁ ଭୁଲ ପ୍ରମାଣିତ କଲା । ଯେତେହେଲେ, ଭାରତ ହେଉଛି ଗଣତନ୍ତ୍ରର ଜନନୀ । ବିଗତ ଦଶନ୍ଧିମାନଙ୍କରେ ମଧ୍ୟ ଦେଶର ଗଣତନ୍ତ୍ର ସଶକ୍ତ ହୋଇଛି, ସମୃଦ୍ଧ ହୋଇଛି । ମୁଁ ନିର୍ବାଚନ ଆୟୋଗଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି, ଯିଏ ସମୟ ସମୟରେ ଆମ ନିର୍ବାଚନ ପ୍ରକ୍ରିୟାକୁ ଆଧୁନିକ କରିଛନ୍ତି, ସୁଦୃଢ଼ କରିଛନ୍ତି । ଜନଶକ୍ତିକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ବୈଷୟିକ ଶକ୍ତିକୁ ବ୍ୟବହାର କରିଛନ୍ତି । ନିରପେକ୍ଷ ନିର୍ବାଚନ ପାଇଁ ତାଙ୍କର ସମର୍ପଣ ଭାବ ଯୋଗୁଁ ମୁଁ ତାଙ୍କୁ ଅଭିନନ୍ଦନ ଜଣାଉଛି । ମୁଁ ଦେଶବାସୀଙ୍କୁ ଅନୁରୋଧ କରୁଛି – ସେ ଅଧିକରୁ ଅଧିକ ସଂଖ୍ୟାରେ ନିଜର ମତାଧିକାରକୁ ଉପଯୋଗ କରନ୍ତୁ, ସର୍ବଦା କରନ୍ତୁ ଏବଂ ଦେଶର ଗଣତାନ୍ତ୍ରିକ ପ୍ରଣାଳୀର ଅଂଶବିଶେଷ ହୁଅନ୍ତୁ ଏବଂ ଏହି ପ୍ରଣାଳୀକୁ ସଶକ୍ତ ମଧ୍ୟ କରନ୍ତୁ ।

# ୭୦୦ ପାଲେଷ୍ଟିନୀୟଙ୍କୁ ଛାଡ଼ିବ ଇସ୍ରାଏଲ୍

**ତେଲ ଅଭିବ, ୨୦୧(ଏଜେନ୍ସି):** ଗାଜାରେ ଶାନ୍ତି ଚୁକ୍ତି ହୋଇଛି । ଇସ୍ରାଏଲ ଓ ହାମାସ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଛନ୍ତି । ଇସ୍ରାଏଲ କ୍ୟାବିନେଟ୍ ଗାଜାରେ ଅସ୍ତ୍ରବିରତି ଚୁକ୍ତିକୁ ଅନୁମୋଦନ କରିଛି । ଏବେ ଇସ୍ରାଏଲ ହାମାସର ଲୋକଙ୍କ ତାଲିକା ଜାରି କରିଛି, ଯେଉଁମାନଙ୍କୁ ସେ ମୁକ୍ତ କରିବ । ଇସ୍ରାଏଲର ନ୍ୟାୟ ମନ୍ତ୍ରଣାଳୟ ୭୦୦ରୁ ଅଧିକ ପାଲେଷ୍ଟାଇନ୍ କଏଦୀଙ୍କ ତାଲିକା ଜାରି କରିଛି । ସେମାନଙ୍କୁ ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ମୁକ୍ତ କରାଯିବ ଯାହା ଗାଜାରେ ହାମାସ ସହିତ ଯୁଦ୍ଧ କୁ ବନ୍ଦ କରିବ । ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ଇସ୍ରାଏଲ କ୍ୟାବିନେଟ୍ ଗାଜା ଅସ୍ତ୍ରବିରତି ଚୁକ୍ତିକୁ ଅନୁମୋଦନ କରିବାର କିଛି ଘଣ୍ଟା ପରେ ଏହି ତାଲିକା ପ୍ରକାଶ ପାଇଛି । ରବିବାର ସ୍ଥାନୀୟ



ସମୟ ଅପରାହ୍ନ ୪ଟା ବେଳେ ଇସ୍ରାଏଲ ଏସବୁ କଏଦୀଙ୍କୁ ମୁକ୍ତ କରିବ ବୋଲି ଇସ୍ରାଏଲର ନ୍ୟାୟ ମନ୍ତ୍ରାଳୟ କହିଛି । ତାବଦଳରେ ହମାସ୍ ବନ୍ଧକମାନଙ୍କୁ ମୁକ୍ତ କରିବ । ରବିବାର ସ୍ଥାନୀୟ ସମୟ ଅପରାହ୍ନ ୪ଟା ବେଳେ ଇସ୍ରାଏଲ ଏସବୁ କଏଦୀଙ୍କୁ ମୁକ୍ତ କରିବ ବୋଲି ଇସ୍ରାଏଲର ନ୍ୟାୟ ମନ୍ତ୍ରାଳୟ କହିଛି । ତାବଦଳରେ ହମାସ୍ ବନ୍ଧକମାନଙ୍କୁ ମୁକ୍ତ କରିବ । ଏହି ତାଲିକାରେ ମାର୍ୱାନ ବାରଘୌତିର ନାଁ ନାହିଁ । ବାରଘୋଟିର ବୟସ ୬୪ ବର୍ଷ ଏବଂ ସେ ଇସ୍ରାଏଲ ଉପରେ ଆକ୍ରମଣ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛି । ତାକୁ ଇସ୍ରାଏଲ ଦ୍ୱାରା ଧରାଯାଇଥିବା ସବୁଠାରୁ ହାଇପ୍ରୋଫାଇଲ କଏଦୀ ଭାବରେ ବିବେଚନା କରାଯାଏ । ଅନେକ ପାଲେଷ୍ଟାଇନ୍ ତାକୁ ନିଜର ଭବିଷ୍ୟତ ରାଷ୍ଟ୍ରପତି ହେବା ପାଇଁ ଏକ ଅଗ୍ରଣୀ ପ୍ରାର୍ଥୀ ଭାବରେ ଦେଖନ୍ତି ।

# ଲାଲୁ ଆଗେ ପରିବାର କଥା ସମାଧାନ କରନ୍ତୁ ପରେ ରାଜନୀତି କରିବେ

**ନୂଆଦିଲ୍ଲୀ, ୨୦୧(ଏଜେନ୍ସି):** ନୀତିଶଙ୍କ ପରେ ପରେ ଏବେ ବିହାର ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ଲାଲୁଙ୍କ ପରିବାରର କଳି । ପୂର୍ବରୁ ଦୁଇ ପୁଅ ତେଜସ୍ୱୀ ଓ ତେଜ ପ୍ରତାପ ମଧ୍ୟରେ ଅନେକ ବିବାଦ ଦେଖିବାକୁ ମିଳିଥିଲା । ହେଲେ ଦୁଇ ପୁଅଙ୍କ କଳି ସାମ୍ନାରେ ବାପା ଲାଲୁ ସବୁବେଳେ ଢାଲ ହୋଇ ଛିଡା ହେଉଥିଲେ । କିନ୍ତୁ ଏବେ ଲାଲୁଙ୍କ ଘର କଳି ଦାଣ୍ଡରେ ପଡ଼ି ହାଟରେ ଗଳିଲାଣି । ଘର ଭିତରେ କଳି କେତେ ଜୋର ଅଛି ତାହା ଏବେ ସମସ୍ତେ ଜାଣିଲେଣି । ଯାହାକୁ ନେଇ ବିରୋଧୀ ଲାଲୁଙ୍କୁ ଷଣ୍ଢଆସି ଆକ୍ରମଣ କରିବା ସହିତ ଟେରଛା ବାଣ ମାରିଛନ୍ତି। କହିଛନ୍ତି, ଲାଲୁ ଆଗେ ପରିବାର କଥା ସମାଧାନ କରନ୍ତୁ ପରେ ରାଜନୀତି କରିବେ । ଉଭୟଙ୍କ ଭିତରେ ହୋଇଥିବା ଝଗଡାର କୁଆଡ଼େ ମୁଖ୍ୟ କାରଣ ଜେଡିୟୁର ଜଣେ ନେତା । କୁହାଯାଉଛି କି, ଜେଡିୟୁର ଜଣେ ନେତା ଆରଜେଡିରେ ସାମିଲ ହେବାର ଥିଲା । ତେଣୁ ଅପରାହ୍ନ ୪ଟା ୩୦ରେ ତେଜସ୍ୱୀ ପ୍ରେସମିଟ୍ ଡାକିଥିଲେ । ଗଣମାଧ୍ୟମ ପହଞ୍ଚିବା ପରେ ଦଳରେ ଆରଜେଡି ନେତାଙ୍କୁ ସାମିଲ କରିବା ସହିତ ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ନେଇ ଘୋଷଣା ବି କଲେ । ଏହାପରେ ରାଜ୍ୟ କାର୍ଯ୍ୟାଳୟରେ ଯାଇ ବୈଠକ କଲେ । ପାଖାପାଖି ଅପରାହ୍ନ ୫ଟା ୩୦ରେ



କାର୍ଯ୍ୟାଳୟରୁ ବାହାରିବା ଲାଗି କାରକେଡ୍ ବି ପ୍ରସ୍ତୁତ ଥିଲା । କାରକେଡ୍ ପ୍ରସ୍ତୁତ ହେବା ପରେ ସେ ବାହାରିଯାଇଥିଲେ କାର୍ଯ୍ୟାଳୟରୁ । ତେଜସ୍ୱୀ ଯିବାର ଠିକ୍ ୨ ମିନିଟ୍ ପରେ ତେଜପ୍ରତାପଙ୍କ ଗାଡ଼ି ପହଞ୍ଚିଥିଲା କାର୍ଯ୍ୟାଳୟରେ। ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ, ତେଜସ୍ୱୀଙ୍କୁ ଖବର ଥିଲା କି ତେଜପ୍ରତାପ ପାର୍ଟି ଅଫିସକୁ ଆସୁଛନ୍ତି । କିନ୍ତୁ ଏହାପରେ ବି ତେଜସ୍ୱୀ ପାର୍ଟି ଅଫିସରୁ ବାହାରି ଯାଇଥିଲେ । ଖାଲି ସେ ଯାଇନଥିଲେ ବରଂ ପାର୍ଟି ଅଫସରେ ଥିବା ଅନେକ ବରିଷ୍ଠ ଅଧିକାରୀମାନେ ଜଣଙ୍କ ପରେ ଜଣେ ପାର୍ଟିଅଫିସରୁ ପଳାଇଥିଲେ। ଏହାସହ ଜେଡିୟୁର ନେତା ଆରଜେଡିର ସାମିଲ ହେବା ପରେ ନିଜ ସମର୍ଥକଙ୍କ ସହ ପାର୍ଟି ଅଫିସରୁ ବାହାରିଥିଲେ । ଏହାସହ ତେଜ ପ୍ରତାପ ଖବର ପାଇଥିଲେ କି ତେଜସ୍ୱୀଙ୍କୁ ବଡ଼ ପଦବୀ ମିଳିବାକୁ ଯାଉଛି । ଯେହେତୁ ତେଜ ପ୍ରତାପ ବଡ଼ ତେଜସ୍ୱୀଙ୍କଠାରୁ, ତେଣୁ ସାନ ଭାଇଙ୍କ କଥା ମାନିବା ପରିସ୍ଥିତିରେ ସେ ନଥିଲେ । ଯେଉଁଥି ଲାଗି ସେ ଅଫସରେ ପହଞ୍ଚିବା ପରେ ବଡ ଧରଣର ହଲଚଲ ଦେଖିବାକୁ ମିଳିଥିଲା । ଲାଲୁଙ୍କ ଘରେ ଝଗଡ଼ା ହେବା ପରେ ବିରୋଧୀଙ୍କୁ କିନ୍ତୁ ମୌକା ମିଳିଯାଇଛି ଲାଲୁଙ୍କୁ ନେଇ ରାଜନୀତି କରିବାକୁ । ଜେଡିୟୁର ପ୍ରବକ୍ତା ନିରଜ କୁମାର କହିଛନ୍ତି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଆରଜେଡିର ନିଜସ୍ୱ ମାମଲା । ହେଲେ ଦେଶ ଜାଣିବାକୁ ଚାହୁଁଛନ୍ତି କି, ଲାଲୁ କଣ ରାଜନୀତିରେ ଥକିପଡ଼ିଲେଣି । ରାଜନୀତି କରିବାକୁ ସେ ଡରୁଛନ୍ତି କି ଯଦି ଏମିତି ନାହିଁ ତାହାଲେ ଲାଲୁ ନିଜ ପୁଅଙ୍କୁ ରାଜନୀତିରେ କାହିଁକି ଆୟତ୍ତ କରିପାରୁନାହାନ୍ତି । ପୁରା ଘଟଣାକୁ ତର୍ଜମା କଲେ ଗୋଟିଏ କଥା ଜଣାପଡୁଛି କି, ବିହାର ରାଜନୀତିରେ ଆଉ ସକ୍ରିୟ ନାହାନ୍ତି ଲାଲୁ । ସେଇଥି ଲାଗି ଦଳର ଏହି ସ୍ଥିତି । ଏବେ ସମୟ କହିବ, ଆଗାମୀ ଦିନରେ ଲାଲୁଙ୍କ ଦୁଇ ପୁଅକୁ ବୁଝାଉଛି କିଏ ।

# ବିଶ୍ୱ ଅର୍ଥନୈତିକ ଫୋରମରେ ଅଂଶଗ୍ରହଣ କରିବେ ଅଶ୍ୱିନୀ

ନୂଆଦିଲ୍ଲୀ, ୨୦୧(ଏଜେନ୍ସି): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଡାଭୋସଠାରେ ହେବାକୁ ଥିବା ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲୁଇଏଫ) ୨୦୨୫ରେ ଅଂଶଗ୍ରହଣ କରିବେ । ତାଙ୍କର ଏହି ଗସ୍ତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ସାମଗ୍ରିକ ଏବଂ ପରିବର୍ତ୍ତନମୂଳକ ବିକାଶକୁ ଆଗେଇ ନେବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଡାଭୋସ ଯିବା ପୂର୍ବରୁ ଶ୍ରୀ ବୈଷ୍ଣବ ସମାଜର ସମସ୍ତ ବର୍ଗ, ବିଶେଷ କରି ବଂଚିତ ବର୍ଗଙ୍କର ବିକାଶ ସୁନିଶ୍ଚିତ କରିବା ପାଇଁ ଭାରତର ପ୍ରମୁଖ ପ୍ରୟାସଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, 'ଭାରତର ପ୍ରଧାନମନ୍ତ୍ରୀ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ସମାଜର ସବୁଠାରୁ ଅବହେଳିତ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଥାଏ । ବ୍ୟାଙ୍କ ଆକାଉଂଟ ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣଠାରୁ ଆରମ୍ଭ କରି ଶୌଚାଳୟ, ଗ୍ୟାସ୍ ସଂଯୋଗ ଓ ଟ୍ୟାପ୍ ପାଣି ଭଳି ଅତ୍ୟାବଶ୍ୟକ ସେବା ଯୋଗାଇବା ଏବଂ ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଭିତ୍ତିଭୂମିରେ ଉନ୍ନତି ଆଣିବା ପର୍ଯ୍ୟନ୍ତ, ସମଗ୍ର ବିଶ୍ୱ ଏଗୁଡ଼ିକ ସଂପର୍କରେ ଜାଣିବାକୁ ଚାହୁଁଛି ।"ବିଶ୍ୱ ଅର୍ଥନୈତିକ ଫୋରମରେ ସାମଗ୍ରିକ ବିକାଶ, ସାମାଜିକ, ଭୌତିକ ଏବଂ ଡିଜିଟାଲ ଭିତ୍ତିଭୂମିରେ ପୁଞ୍ଜିନିବେଶ ଏବଂ ପ୍ରଯୁକ୍ତିବିଦ୍ୟାର ଗଣତାନ୍ତ୍ରିକରଣ ଉପରେ ବ୍ୟାପକ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଥିଲେ । ବିଶ୍ୱ ଅର୍ଥନୈତିକ ଫୋରମ୍ ୨୦୨୫ରେ ଯୋଗଦେବା ଲାଗି ଡାଭୋସ ଯିବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ପରିବର୍ତ୍ତନଶୀଳ ଡିଜିଟାଲ୍ ଯାତ୍ରା ପ୍ରତି ବିଶ୍ୱର ଆଗ୍ରହ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ୨ଟି ପିଲା ଥିଲେ ହିଁ ନିର୍ବାଚନ ଲଢିପାରିବେ

**ଅମରାବତୀ, ୨୦୧(ଏଜେନ୍ସି):** ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ରାଜ୍ୟର ଜନସଂଖ୍ୟା ବୃଦ୍ଧି ପାଇଁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ଏକ ନୂତନ ଆଇନ ଅନୁଯାୟୀ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅତି କମରେ ଦୁଇଟି ସନ୍ତାନ ରହିବା ଆବଶ୍ୟକ । ନାଇଡୁ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଆଗକୁ, ସରକାରୀ ଯୋଜନା ପାଇଁ ଯୋଗ୍ୟତା ନିର୍ଣ୍ଣୟ କରିବାରେ ପରିବାରର ଆକାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେବ । ପୂର୍ବରୁ ଜନସଂଖ୍ୟାକୁ ଏକ ବୋଝ ଭାବରେ ଦେଖାଯାଉଥିଲା । କିନ୍ତୁ ଆଜି ଏହାକୁ ଏକ ସମ୍ପତ୍ତି ଭାବରେ ବିବେଚନା କରାଯାଉଛି । ପୂର୍ବରୁ, ଆମେ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୋତ୍ସାହନ ଦେଉଥିଲୁ । ଉଦାହରଣ ସ୍ୱରୂପ, ପାଞ୍ଚ ଜଣ ସଦସ୍ୟ ପର୍ଯ୍ୟନ୍ତ ପରିବାରକୁ ୨୫କିଲୋଗ୍ରାମ ଚାଉଳ ଦିଆଯାଉଥିଲା । କିନ୍ତୁ ପାଞ୍ଚ ଜଣରୁ ଅଧିକ ସଦସ୍ୟ ଥିବା ପରିବାରକୁ କୌଣସି ଅତିରିକ୍ତ ସୁବିଧା ଯୋଗାଇ ଦିଆଯାଉ ନଥିଲା । ସେତେବେଳେ, ଆମେ ଦୁଇରୁ ଅଧିକ ସନ୍ତାନ ଥିବା ଲୋକଙ୍କୁ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅଯୋଗ୍ୟ ଘୋଷଣା କରିଥିବା ଏକ ଆଇନ ମଧ୍ୟ ପ୍ରଣୟନ କରିଥିଲୁ, କାରଣ ଏହା ସେତେବେଳେ ସମାଜର ଆବଶ୍ୟକତାକୁ ପୂରଣ କରୁଥିଲା । ବର୍ତ୍ତମାନ, ଜନସଂଖ୍ୟା ବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ତେଣୁ, କେବଳ ଅତି କମରେ ଦୁଇଟି ସନ୍ତାନ ଥିବା ବ୍ୟକ୍ତିମାନେ ନିର୍ବାଚନ ଲଢ଼ିବାକୁ ଯୋଗ୍ୟ ହେବେ ।



# ମହାକୁମ୍ଭରେ ଭକ୍ତଙ୍କ ମୁଣ୍ଡରେ ମହାକାଳର ଟାଟୁର କ୍ରେଜ

**ଲକ୍ଷ୍ନୌ, ୨୦୧(ଏଜେନ୍ସି):** ମହାକୁମ୍ଭ ୧୩ ଜାନୁଆରୀରୁ ଆରମ୍ଭ ହୋଇଛି ।୨୫ ସେକ୍ଟରରେ ବିଭକ୍ତ ହୋଇଥିବା ଅଂଚଳରେ ରାସ୍ତାର ଉଭୟ ପାର୍ଶ୍ୱରେ ପୁଜା ପାଠ ସାମଗ୍ରୀ ,ଖେଳ -ଖେଳନା ଏବଂ ଚା ଏବଂ ସ୍ନାକ୍ସ ବିକ୍ରୟ କରୁଥିବା ଦୋକାନଗୁଡିକ ସଜାଯାଇଛି ।ମେଳାରେ ଟାଟୁ ଆର୍ଟିଷ୍ଟ ଏବଂ ସେମାନଙ୍କ ରଙ୍ଗୀନ ଦୋକାନଗୁଡିକ ଆକର୍ଷଣର କେନ୍ଦ୍ରବିନ୍ଦୁ ।ମହାକୁମ୍ଭକୁ ଉପଭୋଗ କରିବା ପାଇଁ ଭକ୍ତ ବିଶେଷ କରି ଯୁବକମାନେ ଶିବଙ୍କର ଅନେକ ରୁପରେ ଟାଟୁ କରୁଛନ୍ତି ।ସାଧୁ-ସନ୍ୟାସୀ ମଧ୍ୟ ଭଗବାନଙ୍କ ଚିତ୍ର ଏବଂ ଧାର୍ମିକ ପ୍ରତୀକ ଗୁଡିକ ହାତ ଏବଂ ବାହୁରେ ଟାଟୁ କରୁଛନ୍ତି ।ମହାକାଳଙ୍କ ଟାଟୁ ବନେଇବା ପାଇଁ ଏତେ କ୍ରେଜ ଯେ କେହି ହାତରେ ତ କେହି ବେକରେ ,ତ କେହି ବାହୁରେଆଉ କିଛି ପିଠିରେ ମହାକାଳ,ମହାଦେବ,ଓଁ ନମଃ ଶିବାୟ ,ହର ହର ମହାଦେବ,ଭୋଳାନାଥ ,ତ୍ରିଶୁଳର ଟାଟୁ କରୁଛନ୍ତି ।ସୁଚନାଯୋଗ୍ୟ ଯେ ୧୩ ଜାନୁଆରୀରୁ ୨୬ ଫେବୃଆରୀ ପର୍ଯ୍ୟନ୍ତ ମେଳାରେ ପ୍ରାୟ ୪୫ କୋଟି ତୀର୍ଥଯାତ୍ରୀ ପରିଦର୍ଶନ କରିବେ ବୋଲି ଆଶା କରାଯାଉଛି ।କାଶୀରୁ ଆସିଥିବା ରାହୁଲ ପାଣ୍ଡେ ବହୁତ ପୁର୍ବରୁ ଟାଟୁ ବନେଇବାର ପ୍ଲାନିଙ୍ଗ କରିଥିଲେ ।କିନ୍ତୁ ବର୍ତ୍ତମାନ ମହାକୁମ୍ଭ ଆଗମନ ସହିତ ସେ ଟାଟୁ ଡିଜାଇନରେ ଭୋଳାବାବାଙ୍କୁ ପସନ୍ଦ କରିଥିଲେ ।କେବଳ ରାହୁଲ ନୁହଁନ୍ତି ପ୍ରତ୍ୟେକ ବିଭାଗର ଲୋକ ମହାକାଳଙ୍କ ନାମ ଏବଂ ରୁପକୁ ଟାଟୁ କରି ନିଜର ଭକ୍ତି ପ୍ରଦର୍ଶନ କରୁଛନ୍ତି ।ମହାକୁମ୍ଭକୁ ଆସୁଥିବା ଅନେକ ଭକ୍ତ ନିଜ ପସନ୍ଦର ଡିଜାଇନ ଏବଂ ଚିତ୍ର ସହିତ ଟାଟୁ କରୁଛନ୍ତି ।ଚଣ୍ଡୀଗଡରୁ ମହାକୁମ୍ଭକୁ ଆସିଥିବା ଆଦିତ୍ୟ ତାଙ୍କ ବାହୁରେ ମହାକାଳଙ୍କ ଟାଟୁ କରିଥିବାବେଳେ କନ୍ନୋଜରୁ ଆସିଥିବା ସୁମିତ ଡାହାଣ ହାତରେ ତାଙ୍କ ନାମ ଲେଖିଥିଲେ ।

# ମୋହନ ଭାଗବତଙ୍କୁ ନେଇ ବର୍ଷିଲେ ରାହୁଲ

**ନୂଆଦିଲ୍ଲୀ, ୨୦୧(ଏଜେନ୍ସି):** ଲୋକସଭାର ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆଜି ବିହାରର ପାଟନାରେ ସମ୍ବିଧାନ ସୁରକ୍ଷା ସମ୍ମିଳନୀରେ ଆରଏସଏସ ସହ ବିଜେପିକୁ କଡା ଟାର୍ଗେଟ କରିଥିଲେ । ରାହୁଲ ଗାନ୍ଧୀ କହିଛନ୍ତି ଯେ ଆରଏସଏସ ମୁଖ୍ୟ ମୋହନ ଭାଗବତ କହୁଛନ୍ତି ଯେ ଯଦି ଭାରତ ୧୫ ଅଗଷ୍ଟ ୧୯୪୭ରେ ସ୍ୱାଧୀନତା ପାଇନଥିଲା, ତେବେ ସେ ଭାରତର ସମ୍ବିଧାନକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ଆରଏସଏସ ମୁଖ୍ୟ ମୋହନ ଭାଗବତ ଭାରତର ପ୍ରତ୍ୟେକ ଅନୁଷ୍ଠାନରୁ ଡକ୍ଟର ବି.ଆର. ଆମ୍ବେଦକର, ଭଗବାନ ବୁଦ୍ଧ, ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ଲିଭାଇ ଦେଉଛନ୍ତି । ଭାରତୀୟ ସମ୍ବିଧାନ ଉପରେ ଏହି କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ କହିଥିଲେ ଯେ ଆମର ସମ୍ବିଧାନ ପ୍ରତ୍ୟେକ କୋଣରେ ପହଞ୍ଚିଛି । ଆମ ପାଇଁ, ସମ୍ବିଧାନ କେବଳ ଏକ ପୁସ୍ତକ ନୁହେଁ, ଏହା ହଜାର ହଜାର ବର୍ଷର ଚିନ୍ତାଧାରା, ଭାରତର ଚିନ୍ତାଧାରା । ପ୍ରତ୍ୟେକ ରାଜ୍ୟର ମହାପୁରୁଷଙ୍କ ସ୍ୱର ଏହି ସମ୍ବିଧାନରେ ଅଛି । ଦେଶରେ ଦଳିତଙ୍କ ସ୍ୱରକୁ ଦବାଇ ଦିଆଯାଇଛି, କିନ୍ତୁ ଦେଶର ସମ୍ବିଧାନରେ ଲକ୍ଷ ଲକ୍ଷ ଲୋକଙ୍କ ସ୍ୱର ରହିଛି । ସମ୍ବିଧାନ ଲୋକଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିପାରିନାହିଁ, କିନ୍ତୁ ଅତି କମରେ ଏହାକୁ ଟିକିଏ ହ୍ରାସ କରିଛି । ରାହୁଲ ଗାନ୍ଧୀ



ଆରଏସଏସ ମୁଖ୍ୟ ମୋହନ ଭାଗବତଙ୍କ ବିଷୟରେ କହିଥିଲେ, ମୋହନ ଭାଗବତ କୁହନ୍ତି ଯେ ସ୍ୱାଧୀନତା ୧୫ ଅଗଷ୍ଟ ୧୯୪୭ରେ ନୁହେଁ, ବରଂ ପରେ ପ୍ରାପ୍ତ ହୋଇଥିଲା । ଯଦି ସେମାନେ ଏପରି କୁହନ୍ତି, ତେବେ ସେମାନେ ଏହାକୁ (ସମ୍ବିଧାନକୁ) ଅସ୍ୱୀକାର କରୁଛନ୍ତି। ସେମାନେ ଏହାକୁ ସାମାଜିକ ଗଠନରୁ ଲିଭାଇ ଦେଉଛନ୍ତି । ଏହି ସମ୍ବିଧାନରେ କେଉଁଠି ଲେଖା ଅଛି ଯେ ଭାରତର ସମଗ୍ର ସମ୍ପତ୍ତି ଦୁଇ କିମ୍ବା ତିନି ଜଣଙ୍କ ହାତରେ ଯିବା ଉଚିତ । କଂଗ୍ରେସ ନେତା କହିଥିଲେ ଯେ ସେମାନେ(ବିଜେପି) ଏହାକୁ (ସମ୍ବିଧାନକୁ) ଉଠାଇ ଫୋପାଡ଼ି ଦେବାକୁ ଚାହୁଁଥିଲେ, କିନ୍ତୁ ଭାରତର ଲୋକମାନେ କହିଥିଲେ ଯେ ଯଦି ତୁମେ ଏହାକୁ ନିଜ ମୁଣ୍ଡ ଉପରେ ନ ରଖ, ତେବେ ଲୋକମାନେ ତୁମକୁ ଫୋପାଡ଼ି ଦେବେ, ତା'ପରେ ମୋଦୀ ଆସିଲେ, ପରେ ନିର୍ବାଚନ ପାଇଁ ସେ ମୁଣ୍ଡ ନୁଆଁଇ ଚାଲିଗଲେ । ମୁଁ ବିଜେପିର ଦଳିତ ସାଂସଦଙ୍କୁ ଭେଟୁଛି, ସେ କହୁଛନ୍ତି ଯେ ଆମକୁ ପିଞ୍ଜରାରେ ବାନ୍ଧି ଏଠାରେ ବନ୍ଦୀ କରାଯାଇଛି । ରାହୁଲ ଗାନ୍ଧୀ କହିଥିଲେ ଯେ କମ୍ପାନୀଗୁଡ଼ିକର ପରିଚାଳନା ତାଲିକା ବାହାର କର ଏବଂ ସେଥିରେ ଜଣେ ପଛୁଆ କିମ୍ବା ଦଳିତଙ୍କ ନାମ ଦେଖାଅ । ଗଣମାଧ୍ୟମରେ ଆଙ୍କର ଏବଂ ମାଲିକଙ୍କ ତାଲିକା ବାହାର କର ଏବଂ ଜଣେ ବ୍ୟକ୍ତିଙ୍କ ନାମ ଦେଖାଅ । ତା'ପରେ ମୁଁ ତାଲିକା ବାହାର କଲି ଏବଂ ମୁଁ ଜଣେ ହେଲେ ଦଳିତ କିମ୍ବା ପଛୁଆ ବ୍ୟକ୍ତିଙ୍କୁ ଦେଖିଲି ନାହିଁ ।

# ଗତ ୧୦ ବର୍ଷରେ ଭାରତରେ ବିଜନେସ କରିବା ହେଲା ମୁସ୍କିଲ : କଂଗ୍ରେସ

ନୂଆଦିଲ୍ଲୀ, ୨୦୧(ଏଜେନ୍ସି): କଂଗ୍ରେସ ଅଭିଯୋଗ ଆଣିଛି ଯେ, ଗତ ୧୦ ବର୍ଷରେ ଭାରତରେ ଇଜ ଅଫ ଡୁଇଙ୍ଗ ବିଜନେସ୍ ତଥା ବ୍ୟବସାୟ କରିବାରେ ସହଜକୁ 'ଅନଇଜ ଅଫ ଡୁଇଙ୍ଗ ବିଜନେସ୍' ତଥା ବ୍ୟବସାୟ କରିବାରେ ଅସୁବିଧାରେ ବଦଳାଇ ଦିଆଯାଇଛି । ଏହାର ତିନୋଟି କାରଣ ଦର୍ଶାଇବା ସହିତ କଂଗ୍ରେସ କହିଛି ଯେ, ଆଗାମୀ ବଜେଟ୍ ରେ ରେଡ୍ ରାଜ ଏବଂ 'କର ଆତଙ୍କ' ଶେଷ କରିବାକୁ ଦାବି କରିଛି ।

ରବିବାର କଂଗ୍ରେସ ମହାସଚିବ (ସଂଚାର) ଜୟରାମ ରମେଶ ଏକ ବକ୍ତବ୍ୟ ଜାରି କରି କହିଛନ୍ତି ଯେ, ସରକାରକୁ ଆଗାମୀ ବଜେଟ୍ ରେ ରେଡ ରାଜ ଏବଂ କର ଆତଙ୍କ ଶେଷ କରିବାକୁ ହେବ । ଉତ୍ପାଦନ କ୍ଷେତ୍ରରେ ଚାକିରୀ ଗୁଡିକର ରକ୍ଷା କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ । ଏବଂ ବେତନ ଏବଂ କ୍ରୟ ଶକ୍ତିକୁ ବଢାଇବାକୁ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ହେବ ।

କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ, ଗତ ଦଶକରେ ଦେଶରେ ବ୍ୟକ୍ତିଗତ ନିବେଶରେ ହ୍ରାସ ଦେଖିବାକୁ ମିଳୁଛି । ନିବେଶର ସବୁଠୁ ବଡ ଭାଗ ବ୍ୟକ୍ତିଗତ ଘରୋଇ ବିନିଯୋଗ ୨୦୧୪ ପର ଠାରୁ ଲଗାତାର ଦୁର୍ବଳ ହେବାରେ ଲାଗିଛି । ଡଃ. ମନମୋହନ ସିଂହଙ୍କ କାର୍ଯ୍ୟକାଳ ସମୟରେ ଏହା ମଜବୁତ ଯୋଗୁଁ ସକଳ ଘରୋଇ ଉତ୍ପାଦ (ଜିଡ଼ିପି)ର ୨୫ରୁ ୩୦ ପ୍ରତିଶତ ମଧ୍ୟରେ ରହିଥିଲା । ଗତ ୧୦ ବର୍ଷରେ ଏହା ହ୍ରାସ ପାଇ ୨୦ରୁ ୨୫ ପ୍ରତିଶତକୁ ଖସି ଆସିଛି । ନିବେଶରେ ହ୍ରାସ ପାଇବା ସହିତ ଉଚ୍ଚ ନେଟ ବର୍ଥ ବାଲା ଲୋକଙ୍କ ବହୁ ମାତ୍ରାରେ ପଳାୟନ ମଧ୍ୟ ହୋଇଛି । ଗତ ଏକ ଦଶକରେ ୧୭.୫ ଲକ୍ଷରୁ ଅଧିକ ଭାରତୀୟ ଅନ୍ୟ ଦେଶର ନାଗରିକତ୍ୱ ନେଇଛନ୍ତି । ଏକ ଅନୁମାନ ମୁତାବକ ୨୦୨୨ରୁ ୨୦୨୫ ମଧ୍ୟରେ ୨୧, ୩୦୦ ଅରବପତି ଭାରତ ଛାଡିଛନ୍ତି ।

# କେଜ୍ରିଓ୍ୱାଲଙ୍କ ଉପରେ ବିଜେପି କର୍ମୀଙ୍କ ପଥରମାଡ଼ ଅଭିଯୋଗ ଆଣିଲା ଆପ୍

**ନୂଆଦିଲ୍ଲୀ, ୨୦୧(ଏଜେନ୍ସି):** ଦିଲ୍ଲୀ ବିଧାନସଭାରେ ନିର୍ବାଚନୀ ଦଙ୍ଗା ତୀବ୍ର ହେବାରେ ଲାଗିଛି । ଶନିବାର ଆମ୍ ଆଦମୀ ପାର୍ଟି ନୂଆଦିଲ୍ଲୀ ବିଧାନସଭା ଆସନର ବିଜେପି ପ୍ରାର୍ଥୀ ପରବେଶ ବର୍ମାଙ୍କ ସମର୍ଥକମାନେ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ଆଣିଛି । ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ବେଳେ ତାଙ୍କ ଉପରକୁ ପଥର ମାଡ଼ କରାଯାଇଥିବା ଆପ୍ ଦାବି କରିଛି । ବିଜେପି ନେତା ପ୍ରବେଶ ବର୍ମା ଦାବି କରିଛନ୍ତି ଯେ ତାଙ୍କ ସମର୍ଥକଙ୍କୁ କେଜ୍ରିଓ୍ୱାଲଙ୍କ କାର୍ ଧକ୍କା ଦେଇଥିଲା । ଏହା ଦ୍ୱାରା କେତେକ ବିଜେପି କର୍ମୀ ଆହତ ହୋଇଛନ୍ତି । ସେମାନଙ୍କୁ ଦେଖିବାକୁ ଲେଡି ହାର୍ଡିଂ ଡାକ୍ତରଖାନା ଯାଇଥିବା ପ୍ରବେଶ କହିଛନ୍ତି । ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ଏକ୍ସ ହ୍ୟାଣ୍ଡେଲରେ ଲେଖିଛି, ପରାଜୟ ଭୟରେ ବିଜେପି




କ୍ରୋଧିତ । ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଆକ୍ରମଣ କରିବା ପାଇଁ ପ୍ରବେଶ ନିଜ ଗୁଣ୍ଡାମାନଙ୍କୁ ବ୍ୟବହାର କରିଥିଲେ । ବିଜେପି ପ୍ରାର୍ଥୀ ପ୍ରବେଶ ବର୍ମାଙ୍କ ଗୁଣ୍ଡାମାନେ ପ୍ରଚାର ବେଳେ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଇଟା ଓ ପଥରରେ ଆକ୍ରମଣ କରିବା ସହ ତାଙ୍କୁ ଆଘାତ ଦେବାକୁ ଚେଷ୍ଟା କରିଥିଲେ । କେଜ୍ରିଓ୍ୱାଲ ବିଜେପି ଲୋକଙ୍କ ଏହି କାପୁରୁଷତାପୂର୍ଣ୍ଣ ଆକ୍ରମଣକୁ ଭୟ କରନ୍ତି ନାହିଁ, ଦିଲ୍ଲୀବାସୀ ଆପଣଙ୍କୁ ଉଚିତ ଜବାବ ଦେବେ ।

# ବଦଳିପାରେ ବାରବାଟୀ ଦିନିକିଆ ପାଇଁ ଗ୍ୟାଲେରୀ ଟିକଟ୍ କାଉଣ୍ଟର ସ୍ଥାନ



କଟକ,୨୦।୧: କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆସନ୍ତା ଫେବୃଆରୀରେ ୯ରେ ଦିନିକିଆ ଦିବାରାତ୍ର ମ୍ୟାଚ୍ ଖେଳାଯିବ। ଏନେଇ ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଚାଲିଛି। ତେବେ ଏଥର ବଦଳିପାରେ ବାରବାଟୀ ଦିନିକିଆ ପାଇଁ ଗ୍ୟାଲେରି ଟିକଟ୍ କାଉଣ୍ଟର ସ୍ଥାନ ପୂର୍ବ କାଉଣ୍ଟର ସ୍ଥାନ ବଦଳାଇ ଷ୍ଟାଡିୟମ୍ ନିକଟରେ ନୂତନ ସ୍ଥାନରେ ଟିକଟ କାଉଣ୍ଟର କରିବାକୁ କମିଶନରେଟ ପୋଲିସର ଯୋଜନା ରଖିଛି।

କଟକ ଡିସିପି ଜଗମୋହନ ମୀନାଙ୍କ ସମେତ ବରିଷ୍ଠ ଅଧିକାରୀ, ଓସିଏ କର୍ତ୍ତୃପକ୍ଷଙ୍କ ସହ ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ସମ୍ପୂର୍ଣ୍ଣ ବାରବାଟି ଷ୍ଟାଡିୟମ୍ ବୁଲି ଦେଖିଛନ୍ତି। ଏହାସହ ଟିକଟ ବିକ୍ରି ହେବାକୁ ଥିବା କାଉଣ୍ଟର ସବୁ କିଛି ଅନୁଧ୍ୟାନ କରିଛନ୍ତି। ତେବେ ଚଳିତ ବର୍ଷ ନୂତନ ସ୍ଥାନରେ ଗ୍ୟାଲେରୀ ଟିକଟ ବିକ୍ରି କରିବାକୁ ରୋଡ ମ୍ୟାପ ପ୍ରସ୍ତୁତ କରୁଛି କମିଶନରେଟ ପୋଲିସ। ବାରବାଟୀ ଦିନିକିଆରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା, ଜନ ସାଧାରଣଙ୍କ ସୁରକ୍ଷା ସହ ଦର୍ଶକ କିଭଳି ଭଲ ଭାବରେ ଖେଳ ଦେଖି ଫେରିବେ ତାହା ପୋଲିସ ପାଇଁ ଏକ ବଡ଼ ଚାଲେଞ୍ଜ ବୋଲି କହିଛନ୍ତି ଡିସିପି।

ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୨୨ ଜୁନ ୧୨ରେ ଟି-୨୦ ଅନ୍ତର୍ଜାତୀୟ ଭାବେ ଖେଳା ଯାଇଥିଲା। ଏହାପରେ ଭାରତ ଅନେକ ସିରିଜ୍ ଘରୋଇ ମାଟିରେ ଆୟୋଜନ କରି ସାରିଛି । ମାତ୍ର ବାରବାଟୀରେ କୌଣସି ମ୍ୟାଚ୍ ଆୟୋଜନ କରାଯାଉ ନ ଥିଲା ତେବେ ଦୀର୍ଘ ୫ ବର୍ଷ ପରେ ବାରବାଟୀ ଷ୍ଟାଡିୟମରେ ଦିନିକିଆ ମୁକାବିଲା ଖେଳାଯିବ। ଏପର୍ଯ୍ୟନ୍ତ ଏହି ପୁରାତନ ଷ୍ଟାଡିୟମରେ ୧୯ ଦିନିକିଆ ମ୍ୟାଚ୍ ଖେଳାଯାଇଛି।

୨୦୨୫ ଜାନୁଆରୀ ୨୨ ତାରିଖରୁ ଇଂଲଣ୍ଡ ଦଳର ଭାରତ ଗସ୍ତ ଆରମ୍ଭ ହେବ। ଏହି ସମୟରେ ଭ୍ରମଣକାରୀ ଦଳ ଭାରତରେ ୫ଟି ଟି-୨୦ ଏବଂ ୩ଟି ଦିନିକିଆ। ମ୍ୟାଚ୍ ଖେଳିବ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ପ୍ରଥମ ମ୍ୟାଚ୍ ଫେବୃଆରୀ ୬ରେ ନାଗପୁର, ୯ରେ ଦ୍ୱିତୀୟ ମ୍ୟାଚ୍ କଟକରେ ଏବଂ ଫେବ୍ରୁଆରୀ ୧୨ ତାରିଖରେ ଅହମ୍ମଦାବାଦରେ ତୃତୀୟ ମ୍ୟାଚ୍ ଖେଳାଯିବ।

**ବାରବାଟୀ ଷ୍ଟାଡିୟମରେ ବିଭିନ୍ନ ଗ୍ୟାଲେରୀର ଟିକଟ୍ ମୂଲ୍ୟ**

ଗ୍ୟାଲେରୀ ୧ ୧୧୦୦
ଗ୍ୟାଲେରୀ ୨ ୯୦୦ ଟଙ୍କା
ଗ୍ୟାଲେରୀ ୩- ୧୧୦୦ ଟଙ୍କା
ଗ୍ୟାଲେରୀ ୪ ୯୦୦ ଟଙ୍କା
ଗ୍ୟାଲେରୀ ୫- ୧୨୦୦ ଟଙ୍କା
ଗ୍ୟାଲେରୀ ୬- ୧୨୦୦ ଟଙ୍କା
ଗ୍ୟାଲେରୀ ୭- ୭୦୦ ଟଙ୍କା
ସ୍ପେସିଆଲ ଏନକ୍ଲୋଜର- ୬୦୦୦ ଟଙ୍କା
ଏସି ଗ୍ୟାଲେରୀ ବକ୍ସ- ୮୦୦୦ ଟଙ୍କା
କର୍ପୋରେଟ୍ ବକ୍ସ- ୨୦,୦୦୦ ଟଙ୍କା
ନ୍ୟୁ ପାଭିଲିୟନ- ୧୦,୦୦୦ ଟଙ୍କା

# କିସ୍‌ର ୩ ବିଶ୍ୱ ବିଜୟୀଙ୍କୁ ଅଭିନନ୍ଦନ ଜଣାଇଲେ ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର, ୨୦।୧: ପାରମ୍ପରିକ କ୍ରୀଡ଼ା ଖୋଖୋରେ କିସ୍ ବିଶ୍ୱବିଦ୍ୟାଳୟର ୩ ଖେଳାଳି ପାବନି ଶବର, ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ଇତିହାସ ରଚିଛନ୍ତି। ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ଖୋ ଖୋ ବିଶ୍ୱକପରେ ଉଭୟ ପୁରୁଷ ଓ ମହିଳାରେ ଆୟୋଜକ ଭାରତ ବିଜେତା ହୋଇଛି। ଏଥିରେ ପୁରୁଷ ବର୍ଗରେ କିସ୍ ଛାତ୍ର ପାବନି ଶବର ସାମିଲ ହୋଇଥିବା ବେଳେ ମହିଳା ଦଳରେ ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ସାମିଲ ହୋଇଥିଲେ। ଏହା ଦ୍ୱାରା ଭାରତ ସହ ଓଡ଼ିଶା କ୍ରୀଡ଼ା ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡ଼ିହୋଇଛି।

କିସ୍ ଛାତ୍ରଛାତ୍ରୀଙ୍କ ଏହି ସଫଳତାର ଖବର ପାଇବା ପରେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦିଲ୍ଲୀ ପହଞ୍ଚିଥିଲେ। ତିନି ବିଶ୍ୱ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ କେବଳ କିସ୍ ନୁହେଁ, ଓଡ଼ିଶା, ଭାରତ ଏବଂ ସମଗ୍ର ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି। ଭାରତ ବିଜୟୀ ହେବା ପରେ ଭାରତୀୟ ଦଳର ଏହି ଐତିହାସିକ ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇ ଥିବାରୁ ଶ୍ରୀ ସାମନ୍ତ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ଲାଗି ଖେଳାଳିମାନେ ଶ୍ରୀ ସାମନ୍ତ ଓ କିସ୍‌କୁ ଏହାର ଶ୍ରେୟ ଦେଇଛନ୍ତି। ବାଲେଶ୍ୱର ନୀଳଗିରି ଅଞ୍ଚଳର ଶୁଭଶ୍ରୀ ଓ ରାୟଗଡ଼ା କାସନଦରର ମାଗାଇ ୨୦୧୩ରୁ ଖୋଖୋ ଖେଳିବା ଆରମ୍ଭ କରିଥିଲେ। ସେହିପରି ଗଜପତି ଜିଲ୍ଲାରୁ ଆସି କିସ୍‌ରେ ପଢୁଥିବା ପାବନି ପାଠ ପଢ଼ା ସହ ଖୋ ଖୋ ରେ ନିଜର ରୁଚି ରଖିଥିଲେ।

# ଚାମ୍ପିଅନ୍ସ ଟ୍ରଫି ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବୁ : ରୋହିତ

ମୁମ୍ବାଇ ୨୦।୦୧ : ୱାଙ୍ଖେଡେ ଷ୍ଟାଡିୟମର ୫୦ତମ ବାର୍ଷିକ ଉତ୍ସବ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ସଚିନ ତେନ୍ଦୁଲକର, ରବି ଶାସ୍ତ୍ରୀ, ସୁନୀଲ ଗାଭାସ୍କର, ଆଜିଙ୍କ୍ୟ ରାହାଣେ, ରୋହିତ ଶର୍ମା, ଶ୍ରେୟସ ଆୟର ପ୍ରମୁଖ ସାମିଲ ହୋଇଥିଲେ।

ଏହି ଅବସରରେ ରୋହିତ ଶର୍ମା କହିଛନ୍ତି ଯେ, ଆମେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବୁ ।ଆଇସିସି ପ୍ରତିଯୋଗିତରେ ନିଜ ଦେଶର ପ୍ରତିନିଧି କରିବା ନିହାତି ଏକ ଗୌରବର ବିଷୟ ।

୪୦ କୋଟି ଲୋକ ଆମ ପଛରେ ଅଛନ୍ତି ଦେଶବାସୀଙ୍କ ପାଇଁ ଏହି ଆଇସିସି ଟ୍ରଫିକୁ ପୁଣି ଥରେ ୱାଙ୍ଖେଡେ ଷ୍ଟାଡିୟମ ଆଣିବା ଲାଗି ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବୁ ।

ସୂଚନାଯୋଗ୍ୟ ଯେ, ଫେବୃଆରୀ ୧୯ ତାରିଖରୁ ପାକିସ୍ତାନ ଏବଂ ଦୁବାଇରେ ଆରମ୍ଭ ହେବାକୁ ଯାଉଛି। ଚମ୍ପିଆନ୍ସ ଟ୍ରଫି ୨୦୨୫ ଭାରତର ଅଭିଯାନ ଫେବୃଆରୀ ୨୦ରୁ ଆରମ୍ଭ ହେବ। ଦୁବାଇରେ ବାଂଲାଦେଶ ସହିତ ଭାରତର ମୁକାବିଲା ରହିଛି। ଏହାପରେ ୨୩ରେ ଭାରତ-ପାକିସ୍ତାନ ଟକ୍କର ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡ ଏବଂ ଭାରତ ମଧ୍ୟରେ ମୁକାବିଲା ରହିଛି। ଚଳିତ ଥର ଚମ୍ପିଆନ୍ସ ଟ୍ରଫି ହାଇବ୍ରିଡ୍ ମଡେଲରେ ଖେଳା ହେବାକୁ ଯାଉଛି।

# ରାହାଣେ ମୁମ୍ବାଇ ରଣଜୀ ଅଧିନାୟକ

ନୂଆଦିଲ୍ଲୀ,୨୦।୧: ଅଜିଙ୍କ୍ୟ ରାହାନେଙ୍କୁ ଅଧିନାୟକ ଦାୟିତ୍ୱ ମିଳିଛି ଆଇପିଏଲ ୨୦୨୫ ଆରମ୍ଭ ହେବା ପୂର୍ବରୁ, ରାହାନେଙ୍କୁ ମୁମ୍ବାଇର ରଣଜୀ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି ରାହାନେଙ୍କ ଅଧିନାୟକ୍‌ରେ ୧୭ ଜଣିଆ। ଦଳରେ ରୋହିତ ଶର୍ମାଙ୍କୁ ମଧ୍ୟ ମନୋନୀତ କରାଯାଇଛି ରଣଜୀ ଟ୍ରଫିରେ ମୁମ୍ବାଇକୁ ଏହାର ପରବର୍ତ୍ତୀ ମ୍ୟାଚ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବାକୁ ପଡିବ।

ଅନ୍ୟପଟେ ଆଜି ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଲକ୍ଷ୍ମୌ ସୁପରଜିଆଣ୍ଟସର ଅଧିନାୟକ ନିଯୁକ୍ତ କରାଯାଇଛି ଏବେ ରାହାନେଙ୍କୁ ରୋହିତ ଶର୍ମା, ଶ୍ରେୟସ ଆୟର, ଶିବମ ଦୁବେ, ଯଶସ୍ୱୀ ଜୟସ୍ୱାଲ ଏବଂ ଶାର୍ଦ୍ଦୁଲ ଠାକୁର ଭଳି ଖେଳାଳି ଥିବା ସତ୍ତ୍ୱେ ଅଧିନାୟକ କରାଯାଇଛି ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ରାହାନେଙ୍କୁ କୋଲକାତା ନାଇଟ ରାଇଡର୍ସର ଅଧିନାୟକତ୍ୱ ମଧ୍ୟ ମିଳିପାରେ।ଏବେ ଏହା ମଧ୍ୟ ନିଶ୍ଚିତ ହୋଇଯାଇଛି ଯେ ରୋହିତ ଶର୍ମା ୧୦ ବର୍ଷ ପରେ ରଣଜୀ ଟ୍ରଫିରେ ଖେଳିବେ ୧୭ ଜଣିଆ। ଦଳରେ ରୋହିତଙ୍କୁ ମଧ୍ୟ ମନୋନୀତ କରାଯାଇଛି ରୋହିତ ମଇଦାନକୁ ଓହ୍ଲାଇବା ମାତ୍ରେ ଇତିହାସ ହୋଇଯିବ କାରଣ, ୧୭ ବର୍ଷ ପରେ ଜଣେ ଭାରତୀୟ ଅଧିନାୟକ ରଣଜୀ ଟ୍ରଫିରେ ଖେଳିବେ ଏହା ପୂର୍ବରୁ, ଶେଷ ଥର ପାଇଁ ଏହା ସୌରଭ ଗାଙ୍ଗୁଲି କରିଥିଲେ। ରଣଜୀ ଟ୍ରଫିର ପରବର୍ତ୍ତୀ ରାଉଣ୍ଡ ପାଇଁ ମୁମ୍ବାଇ ଦଳ- ଅଜିଙ୍କ୍ୟ ରାହାନେ (ଅଧିନାୟକ), ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ଆୟୁଷ ମହାତ୍ରେ, ଶ୍ରେୟସ ଆୟର, ସିଦ୍ଧେଶ ଲାଡ, ଶିବମ ଦୁବେ, ହାର୍ଦ୍ଦିକ ତାମୋର (ଉଇକେଟ୍ କିପର), ଆକାଶ ଆନନ୍ଦ (ଉଇକେଟ୍ କିପର), ତନୁଶ କୋଟିଆନ, ଶମ୍ସ ମୁଲାନି, ହିମାଂଶୁ ସିଂହ, ଶାର୍ଦ୍ଦୁଲ ଠାକୁର, ମୋହିତ ଅବସ୍ଥି, ସିଲଭେଷ୍ଟର ଡିସୁଜା, ରୟଷ୍ଟନ ଡିଆସ ଏବଂ କର୍ଷ କୋଠାରୀ।

## ଜିଲ୍ଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ବିଜୟୀ

କେନ୍ଦ୍ରାପଡ଼ା,୨୦।୧: କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ଓ ଗୋପବନ୍ଧୁ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା।

ପ୍ରଥମେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ବ୍ୟାଟିଂ କରି ୩୫ ଓଭରରେ ୩ ୱିକେଟ୍ ବିନିମୟରେ ୨୯୧ ରନ୍ କରିଥିଲା। ଜବାବରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ ୨୨.୩ ଓଭରରେ ୧୦ ୱିକେଟ୍ ବିନିମୟରେ ୮୭ ରନ୍ କରିଥିଲା। ଫଳରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ୨୦୪ ରନ୍‌ରେ ବିଜୟୀ ହୋଇଥିଲା।

ଏହି ମ୍ୟାଚ୍‌ରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବର ଅସିମ୍ ବରାଦ୍ ୬ଟି ଚୌକା ଓ ଗୋଟିଏ ଛକା ମାରି ୪୪ ବଲ୍‌ରେ ୬୨ ନଟ୍ ଆଉଟ୍ ଥିବାବେଳେ ୪ ଓଭର ବୋଲିଂ କରି ୧୦ ରନ୍ ଦେଇ ୨ଟି ୱିକେଟ୍ ନେଇ ମ୍ୟାନ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ବିଶ୍ୱଜିତ ଅଧିକାରୀ ଅତିଥି ଭାବେ ଯୋଗଦେଇ ଏହି ଟ୍ରଫି ଅସିମ୍‌ଙ୍କୁ ପ୍ରଦାନ କରିଥିଲେ । ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦାକାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ।

# ପନ୍ତ ଏଲ୍‌ଏସ୍‌ଜିର ନୂଆ ଅଧିନାୟକ

ନୂଆଦିଲ୍ଲୀ,୨୦।୧: ଟିମ୍ ଇଣ୍ଡିଆର ଷ୍ଟାର ୱିକେଟ୍ କିପର ବ୍ୟାଟର ଏବଂ ଆଇପିଏଲ୍ ଇତିହାସର ସବୁଠୁ ଦାମୀ ଖେଳାଳି ରିଷଭ ପନ୍ତଙ୍କୁ ଲକ୍ଷ୍ନୌର ଅଧିନାୟକ ନିଯୁକ୍ତ କରାଯାଇଛି। ଏଲ୍‌ଏସଜି ମାଲିକ ସଞ୍ଜୀବ ଗୋୟଙ୍କା ସୋମବାର ଏହି ଘୋଷଣା କରିଛନ୍ତି। ଆଇପିଏଲ୍ ମେଗା ନିଲାମୀରେ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା। ଏଲ୍‌ଏସଜି ଟିମ୍‌ର ମାଲିକ ପନ୍ତଙ୍କ ଉପରେ ବିଶ୍ୱାସ ପଛର କାରଣ ବି କହିଛନ୍ତି। ପନ୍ତ ଜଣେ ଭଲ ଲିଡର୍ ଏବଂ ଆଇପିଏଲ୍‌ର ସବୁଠୁ ଭଲ ଅଧିନାୟକ ହୋଇପାରିବେ ବୋଲି ସେ କହିଛନ୍ତି ।




ଷ୍ଟାର୍ ସ୍ପୋର୍ଟ୍ସରେ ପନ୍ତଙ୍କ ସହ କାର୍ଯ୍ୟକ୍ରମରେ ସଞ୍ଜୀବ ଗୋୟଙ୍କା କହିଛନ୍ତି ଯେ ଦିଲ୍ଲୀ କ୍ୟାପିଟାଲ୍ସ ରିଷଭଙ୍କୁ ରିଲିଜ କରିବା ପରଠୁ ଆମ ନଜର ଏହି ୱିକେଟ୍ କିପର ବ୍ୟାଟରଙ୍କ ଉପରେ ଥିଲା। ପନ୍ତଙ୍କୁ ଯେକୌଣସି ସ୍ଥିତିରେ ନିଜ ଟିମ୍‌ରେ ସାମିଲ କରିବାକୁ ଚାହୁଁଥିଲେ। ଡିସି ନିଲାମୀରେ ପନ୍ତଙ୍କୁ ନେଇ ଆଗ୍ରହ ଦେଖାଇଥିଲା, କିନ୍ତୁ ଲକ୍ଷ୍ନୌ ଶେଷ ଯାଏ ହାର୍ ମାନି ନଥିଲା। ଗୋୟଙ୍କା କହିଛନ୍ତି, 'ମୋତେ ରିଷଭଙ୍କ ଭିତରେ ଜଣେ ଜନ୍ମଜାତ ଲିଡର୍ ନଜର ଆସୁଛି।ମୋ ଦୃଷ୍ଟିରୁ ସମ୍ଭବତଃ ସେ ଆଇପିଏଲ୍ ଇତିହାସର ସର୍ବଶ୍ରେଷ୍ଠ ଅଧିନାୟକ ହେବେ '।

ଏହାସହ ଗୋୟଙ୍କା ଏକ ବଡ଼ ଭବିଷ୍ୟତବାଣୀ ମଧ୍ୟ କରିଛନ୍ତି ସେ କହିଛନ୍ତି, 'ଲୋକ ଆଜି ଯାଏ ଆଇପିଏଲ୍ ଇତିହାର ସବୁଠୁ ସଫଳ ଅଧିନାୟକ ରୂପେ ଧୋନୀ ଏବଂ ରୋହିତଙ୍କ ନାଁ ଉଲ୍ଲେଖ କରନ୍ତି। କିନ୍ତୁ ଲେଖି ରଖୁଛନ୍ତି ୧୦-୧୨ ବର୍ଷ ପରେ ଲିଷ୍ଟରେ ମାହି, ରୋହିତ ଏବଂ ରିଷଭ ପନ୍ତ ଥିବେ ' ଏମଏସ୍‌ଧୋନୀ ଏବଂ ରୋହିତ ଶର୍ମା ଆଇପିଏଲର ସବୁଠୁସଫଳ ଅଧିନାୟକ। ଧୋନୀଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ପାଞ୍ଚ ଥର ଏବଂ ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚ ଥର ଟ୍ରଫି ଜିତିଛି।

# କୁରସୁଡ଼ ବିଜୟୀ

ବଙ୍ଗୋମୁଣ୍ଡା,୨୦।୦୧- ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ସ୍ଥିତ ଖେଳପଡିଆ। ଠାରେ ସ୍ୱାମୀ ବିବେକାନନ୍ଦ ପାଠାଗାର,ଏଥଲେଟିକ୍ସ ଏସୋସିଏସନ ବଙ୍ଗୋମୁଣ୍ଡା ପକ୍ଷରୁ ପ୍ରଥମ ବର୍ଷ ଗୋପରାମ ହଂସ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଦ୍ୱିତୀୟ ଦିବସ ରେ ପହଞ୍ଚିଛି। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ତଥା ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ର ସଭାପତି ଅଜିତ କୁମାର ଯୋଶୀ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଦିବସ ମ୍ୟାଚ କୁରସୁଡ଼ ଓ କଣ୍ଟାବାଞ୍ଜି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଭାବେ ଖେଳ ହୋଇଥିବା ବେଳେ ୧ ଗୋଲ ସ୍କୋର କରି ସେମିଫାଇନାଲରେ କୁରସୁଡ଼ ଦଳ ପହଂଚିଛି। ଆୟୋଜକ କମିଟିର ଡବ୍ଲୁ ହଂସ, ଯତୀନ ସିନ୍ଧୁର, ମଣ୍ଟୁ ସରାଫ,ମଣ୍ଟୁ ଟାଣି,ଦିବସ ମାଝୀ, ଶଶାଙ୍କ ଶେଖର ଦାସ ଯାଦବ,ସୁଧୀର ବାଗ,ଦିବ୍ୟସିଂ ନାଏକଙ୍କ ସହ ଆୟୋଜକ କମିଟି ସହଯୋଗ କରିଥିଲେ। ଆଶୀର୍ବାଦ ସା ରେଫରୀ ଓ ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା, ଲାଇନ ମ୍ୟାନ ଭାବରେ ଖେଳ ପରିଚାଳନା କରିଥିଲେ।



# ଜିନ୍ଦଲ ପ୍ରିମିୟର ଲିଗ : ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ ଚାମ୍ପିୟନ






ଅନୁଗୁଳ,୨୦।୧(ନି.ପ୍ର.): ପ୍ରାୟ ଗୋଟିଏ ମାସ ଧରି ଅନୁଗୁଳର ଜିନ୍ଦଲ ନଗରରେ ଚାଲିଥିବା ଜିନ୍ଦଲ ପ୍ରିମିୟର ଲିଗ ୨୦୨୪-୨୫ ଉଦଯାପିତ ହୋଇଛି। ଜେଏସପି ଅନୁଗୁଳର ମାନବ ସମ୍ବଳ ବିଭାଗ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ ୩ଟି ବର୍ଗ ଯଥା- ଜେଏସପି ଜେଣ୍ଟସ୍, ଜେଏସପି ଲେଡିଜ୍ ଏବଂ ଜେଏସପି ସ୍କୁଲ ଟିମ ଭାଗ ନେଇଥିଲେ।

ଜେଏସପି ଜେଣ୍ଟସ୍ ବର୍ଗରେ ୫୪ଟି ଦଳ ଭାଗ ନେଇଥିଲେ । ବିଭିନ୍ନ ବିଭାଗ ଓ ଭେଣ୍ଡରମାନଙ୍କୁ ନେଇ ଗଠିତ ହୋଇଥିବା ଏହି ଦଳସବୁ ୧୦ ଓଭର ବିଶିଷ୍ଟ ୫୪ଟି ମ୍ୟାଚ୍ ଖେଳିଥିଲେ। ଫାଇନାଲ ମ୍ୟାଚରେ ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ। ଦଳ ଏବଂ ସିଏଚପି ସ୍ମାସରର୍ସ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା । ଏକ୍ସଟ୍ରିମ ଏସଏମଏସ ଇଣ୍ଡିଆ। ପ୍ରଥମେ ଫିଲ୍ଡିଂ କରିବା ସହ ସିଏଚପି ସ୍ମାସରର୍ସ ଦଳ ରଖିଥିବା ୧୨୧ ରନର ବିଜୟ ଲକ୍ଷ୍ୟକୁ ୯ ଓଭରରେ ୫ ୱିକେଟ ହରାଇ ହାସଲ କରି ଚାମ୍ପିୟନ ହୋଇଥିଲା।

ଟୁର୍ଣ୍ଣାମେଣ୍ଟ ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଲୁନାଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା ଯ ଏହି ଟୁର୍ଣ୍ଣାମେଣ୍ଟ ରେ ସେ ୬ ୱିକେଟ ସହ ୨୧୩ ରନ ସଂଗ୍ରହ କରିଥିବାରୁ ତାଙ୍କୁ ବେଷ୍ଟ ବ୍ୟାଟସମ୍ୟାନର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଫାଇନାଲ ମ୍ୟାଚରେ ୧୨ ବଲରେ ୩୮ ରନ ସଂଗ୍ରହ କରିଥିବା ଚିନ୍ମୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୬ଟି ମ୍ୟାଚରେ ୧୧ଟି ୱିକେଟ ନେଇଥିବା ମରିୟାପ୍ପାନଙ୍କୁ ଶ୍ରେଷ୍ଠ ବୋଲର ଭାବେ ଘୋଷଣା କରାଯାଇଥିଲା। ବିଜୟୀ ଦଳର ଅଧିନାୟକ ଦେବେଶ ଦୀପକ ଏବଂ ରନର୍ସ ଅଫ ଦଳର ଅଧିନାୟକ ତନ୍ମୟ ପ୍ରଧାନ ଉଚ୍ଚସ୍ତରୀୟ ନେତୃତ୍ୱ ପ୍ରଦାନ କରିଥିଲେ। ଉଭୟ ଦଳର ଅଧିନାୟକ ଏଭଳି ଆକର୍ଷଣୀୟ ଆୟୋଜନ ପାଇଁ ଆୟୋଜକ ଏବଂ ଜେଏସପି ମ୍ୟାନେଜମେଣ୍ଟକୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜେଏସପି ଲେଡିଜ ବର୍ଗରେ ୪ଟି ଦଳ ଭାଗ ନେଇଥିଲେ। ଏଥିରେ ଜେକ୍ୟୁଏଲସି କ୍ଲବକୁ ପରାସ୍ତ କରି ଜେକ୍ୟୁଏସଏଫଏସଏସ ଦଳ ଚାମ୍ପିୟନ ହୋଇଥିଲା। ସେହିପରି ସ୍କୁଲ ଟିମ ବର୍ଗରେ ଓପି ଜିନ୍ଦଲ ସ୍କୁଲ ଏକାଦଶ, ସାବିତ୍ରୀ ଜିନ୍ଦଲ ଡିଏଭି ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।

ଫାଇନାଲ ମ୍ୟାଚରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳିଙ୍କ ଖେଳୁଆଡ ମନୋଭାବକୁ ବେଶ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏସଏମଏସ ଅଧକ୍ଷ ଅତୁଲ ଦୁବେ, ଏଭିବି-ଏସଏମଏସ ଶ୍ରୀକାନ୍ତ ଆତ୍ରେ, ଜିଏମ-ବିଏଚଆର ଶରତ କିଶୋର ପଣ୍ଡା, ଜିଏମ ସେଫ୍ଟି ରାଜୀବ ସୋନି ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସାମିଲ ହୋଇଥିଲେ।

# ନ୍ୟୁଜିଲାଣ୍ଡକୁ ହରାଇଲା ନାଇଜେରିଆ

ନୂଆଦିଲ୍ଲୀ,୨୦।୧: କ୍ରିକେଟରେ ଇତିହାସ କେବେ ବଦଳିଯାଏ ତାହା କେହି ଜାଣନ୍ତି ନାହିଁ ଏବେ ନାଇଜେରିଆ। ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି ଏହି ଓଲଟପାଲଟ ଦେଖି କ୍ରିକେଟ ଜଗତ ଆଶ୍ଚର୍ଯ୍ୟ ହୋଇଗଲା। ନାଇଜେରିଆ। ନ୍ୟୁଜିଲାଣ୍ଡ ବିପକ୍ଷରେ ୨ ରନରେ ବିଜୟୀ ହୋଇଥିଲା। ବର୍ଷା ଯୋଗୁ ୧୩-୧୩ ଓଭର ପାଇଁ ଖେଳାଯାଇଥିବା ଏକ ଟି-୨୦ ମ୍ୟାଚ୍‌ରେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା କି ଦଳ ବିଜୟଠାରୁ ମାତ୍ର ୨ ରନ ଦୂରରେ ରହିଥିଲା।

ଏହି ଚମତ୍କାର ଆଜିକାଲି ଖେଳାଯାଉଥିବା ୧୯ ବର୍ଷରୁ କମ ମହିଳା ଟି-୨୦ ବିଶ୍ୱକପରେ ଘଟିଛି ଏହା ଟୁର୍ନାମେଣ୍ଟରେ ନାଇଜେରିଆର ପ୍ରଥମ ବିଜୟ ଥିଲା। ବର୍ଷା ଯୋଗୁ ଦଳର ପ୍ରଥମ ମ୍ୟାଚ ଟସ ବିନା ବାତିଲ ହୋଇଯାଇଥିଲା। ନାଇଜେରିଆ। ଦଳ ପ୍ରଥମ ଥର ପାଇଁ ୧୯ ବର୍ଷରୁ କମ ମହିଳା ବିଶ୍ୱକପରେ ଅଂଶଗ୍ରହଣ କରୁଛି ଏଥିରେ ସେମାନେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଏକ ବଡ଼ କାମ କରିଛନ୍ତି।

ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନାଇଜେରିଆ। ୧୩ ଓଭରରେ ୬୫/୬ ରନ କରିଥିଲା ଦଳ ପକ୍ଷରୁ ଲିଲିଆନ ଉଦେ ଗୋଟିଏ ଚୌକା ସହାୟତାରେ ୧୯ ରନ ଏବଂ ଅଧିନାୟକ ଲକି ପେଟିଏମ ଗୋଟିଏ ଚୌକା ସହାୟତାରେ ୧୮ ରନ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବ୍ୟାଟସମ୍ୟାନ ଦୁଇ ଅଙ୍କ ମ୍ନ ଅତିକ୍ରମ କରିପାରି ନ ଥିଲେ। ରନ ପିଛା କରିବାକୁ ପଡ଼ିଆକୁ ଆସିଥିବା ନ୍ୟୁଜିଲାଣ୍ଡ ଦଳ ୧୩ ଓଭରରେ କେବଳ ୬୩/୬ ରନ କରିପାରିଥିଲା। ଦଳ ପକ୍ଷରୁ ଅନିକା ଟଡ ୧୯ ରନ ଏବଂ ଅଧିନାୟକ ତାସାକେଲିନ ୧୮ ରନ କରିଥିଲେ ମଧ୍ୟ ଦଳ ବିଜୟର ସୀମା ଅତିକ୍ରମ କରିପାରି ନ ଥିଲା। ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ଶେଷ ୨ ଓଭରରେ ୧୭ ରନ ଆବଶ୍ୟକ ଥିଲା କି ଦଳ ୧୯ତମ ଓଭରରେ ୮ ରନ କରିଥିଲା। ଶେଷ ଓଭରରେ ଅର୍ଥାତ୍ ଶେଷ ୬ ବଲରେ ୯ ରନ ଆବଶ୍ୟକ ଥିଲା ନ୍ୟୁଜିଲାଣ୍ଡ ଦଳ ମାତ୍ର ୬ ରନ କରିପାରିଥିଲା 'ଳରେ ମ୍ୟାଚରେ ତାଙ୍କୁ ୨ ରନରେ ପରାଜୟର ସାମ୍ନା କରିବାକୁ ପଡିଥିଲା।

## ମାଁ ଗଡ଼ିଆଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ଖଡିଆଲକୁ ହରାଇ ହାତୀବନ୍ଧା ଚାମ୍ପିଅନ୍

ନୂଆପଡ଼ା,୨୦।୧: ନୂଆପଡ଼ା ଜିଲ୍ଲା ସିନାପାଲି କଲେଜ ନିକଟ ମଣ୍ଡି ପଡ଼ିଆ। ଠାରେ ସିନାପାଲି ଓ କାପସିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ମାଁ ଗଡିଆଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୀର୍ଘ ସାତଦିନ ଧରି ଚାଲିଥିବାବେଳେ ଉଦଯାପିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଏନ୍.ଏ.ସି ଅଧକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ୍ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ବିଜେଡି ସଭାପତି ଗରୁଡ଼ଧ୍ୱଜ୍ ବେହେରା, ତ୍ରିନାଥ ମେହେର,ସମିତି ସଭ୍ୟ ମନିଷ କୁମାର ପଟେଲ,ରବି ଯୋଶୀ,ଶ୍ରୀମାନ ସାହୁ, ବରିଷ୍ଠ ସାମ୍ବାଦିକ ଅଜିତ ଯୋଶୀ,ଜଗନ୍ନାଥ ସାଗର,ନବୀନ ମେହେର,ବୈଷ୍ଣବ ମେହେର, କ୍ରୀଡାବିତ ରଜନୀକାନ୍ତ ମାଝୀ, ରୁପେଶ ମେହେର, ପୀୟୂଷ ପଟେଲ,ବଂଶୀଧର ଜଗତ ମଞ୍ଚାସୀନ ଥିଲେ ଓ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦଯାପନୀ ଦିବସରେ ହାତିବନ୍ଧା ଓ ଖଡ଼ିଆଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

ହାତୀବନ୍ଧା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ର ନିଷ୍ପତି ନେଇଥିଲା ଓ ନିର୍ଦ୍ଧାରିତ ୧୦ ଓଭରରେ ୪ ୱିକେଟ ହରାଇ ୧୨୬ ରନ କରିଥିଲା ।୧୨୭ ରନ୍ ର ଲକ୍ଷନେଇ ଖଡିଆଳ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ହରାଇ ୧୨୫ ରନ୍ କରି ମାତ୍ର ୧ରନରେ ପରାଜୟ ହୋଇଥିଲା। ଉକ୍ତ ଫାଇନାଲ ମ୍ୟାଚ୍ ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା । ଉକ୍ତ ଟୁର୍ଣ୍ଣାମେଣ୍ଟରେ ହାତୀବନ୍ଧା ଦଳର ହରେନ୍ଦ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଓ ଖଡ଼ିଆଳ ଦଳର ଓମ୍ ଶ୍ରେଷ୍ଠ ବୋଲର ଭାବେ ବିବେଚିତ ହୋଇଥିଲେ। ଆଜିର ଏହି ଉଦଯାପନୀ ମ୍ୟାଚରେ ପଯୋଜ କଶ୍ୟପ ଓ ସ୍ୱରୂପ କୁମାର ଯୋଶୀ ଖେଳ ପରିଚାଳନା କରିଥିବାବେଳେ ନରେଶ କୁମାର ମାଝୀ,ଶୈଳେଶ ସା,ବିନ୍ଦୁସାଗର ମେହେର, ମଳୟ ତାଣ୍ଡି, ସାଗର ନାଗ,ଯୌବନ ଗହିର, ନବୀନ ଜଗତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଭାବରେ କାହ୍ନୁ ସାଗର ଓ ଅନଲାଇନ ସ୍କୋରର ଚନ୍ଦନ ମେହେର ଓ ହେମନ୍ତ ମେହେର କାର୍ଯ୍ୟ ତୁଲାଇଥିଲେ । ଶେଷରେ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ଓ ପରାଜୟ ଦଳକୁ ମଧ ଟ୍ରଫି ସହ ନଗଦ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଏଥିରେ ଆୟୋଜକ କମିଟିର ସଭାପତି ଚିତ୍ତରଞ୍ଜନ ମେହେର, ଉପସଭାପତି ସଞ୍ଜୀବ ଭକ୍ତ, ସମ୍ପାଦକ ଅଜୟ ବାଗ, କୋଷାଧ୍ୟକ୍ଷ ଗିରିଶ ଚନ୍ଦ୍ର ମେହେର ପ୍ରମୁଖ ଙ୍କ ସମେତ ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ